
su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 8 | | | 4 | |
| | | | | | | | 7 | 9 |
| | | | 4 | 6 | | | | 8 |
| 5 | | | | | | | | |
| 1 | 2 | 8 | | 9 | | | | |
| | 9 | 6 | 5 | | 4 | | | |
| | | 3 | | | | 1 | | |
| 6 | | | | | 5 | | 2 | |
| | | | | 2 | 1 | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 5 | 3 | 8 | 9 | 6 |
| 6 | 5 | 3 | 4 | 8 | 9 | 1 | 2 | 7 |
| 1 | 8 | 9 | 7 | 6 | 2 | 5 | 3 | 4 |
| 8 | 7 | 1 | 5 | 3 | 4 | 9 | 6 | 2 |
| 5 | 2 | 6 | 9 | 7 | 8 | 4 | 1 | 3 |
| 3 | 9 | 4 | 2 | 1 | 6 | 7 | 8 | 5 |
| 9 | 3 | 2 | 8 | 4 | 7 | 6 | 5 | 1 |
| 7 | 1 | 8 | 6 | 2 | 5 | 3 | 4 | 9 |
| 4 | 6 | 5 | 3 | 9 | 1 | 2 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ପୋଲିସର ଅଭିଯାନ ସ୍ୱାଗତଯୋଗ୍ୟ

ମହାଶୟ,

ପୁରୀ ସହର ସମେତ ଜିଲାର ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା ଅନାଚାରମୁକ୍ତ କରିବା ପାଇଁ ପୁରୀ ଏସ୍‌ପି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଥାନାଧିକାରୀ ଜିଲାର ସବୁ କଲେଜ, ସ୍କୁଲ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଚାପାମାରି ଅଭିଯାନ ଚଳାଇବାକୁ ଏଥିରେ କୁହାଯାଇଛି। ଏହାକୁ ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି। ବିଶେଷତଃ ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସମେଣ୍ଟ, ରୋଡ୍‌ରେ ରୋମିଓ ଆଚରଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା କରାଯାଇଛି। ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନ ଯୋଗ୍ୟତା ନୀତିରେ ଦେଖାଯିବ। ସମସ୍ତ ଥାନା ଅଧିକାରୀ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତିଦିନ ସକାଳେ ଶିକ୍ଷାନୁଷ୍ଠାନ ଯିବା ଓ ଆସିବା ବେଳେ ପୋଲିସ ପାଟ୍ରୋଲିଂ କରାଯିବା ସଙ୍ଗେ ସଙ୍ଗେ ତତ୍‌କ୍ଷଣାତ୍ ଆଇନ କାର୍ଯ୍ୟକାରୀ ହେବ। ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅନାଚାର ଘଟଣା (ଆଚରଣ) ଦେଖିଲେ ୧୧୨ରେ କଲ୍ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ଜଣାଇବାକୁ ଅନୁରୋଧ କରାଯାଇଛି।

- ଦେବଦତ୍ତ ମିଶ୍ର ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ

### ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣ ଦର୍ଶାଅ ନୋଟିସ

ଯାଜପୁର, ୧୩।୧୨ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାର ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ (ଏସ୍‌ଆର୍‌ଟିଏସ୍)ର ଚ୍ୟାନେଲାଇଜିଂ କାର୍ଯ୍ୟ ଏଯାଏ ସମାପ୍ତ ହୋଇନାହିଁ। ନିର୍ଗମନ ନିୟନ୍ତ୍ରଣ ପାଇଁ କାର୍ଯ୍ୟକ୍ଷମ ଡିଜି ସେଟ୍‌ର ପୁନଃ ନିର୍ମାଣ କାର୍ଯ୍ୟ ସମେତ କଣ୍ଟିନିୟସ ଏମିସନ ମନିଟରିଂ ସିଷ୍ଟମ୍ (ସିଇଏମ୍‌ଏସ୍) ଏବଂ କଣ୍ଟିନିୟସ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ (ସିଏକ୍ୟୁଏମ୍‌ଏସ୍) ତଥ୍ୟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ସର୍ଭରକୁ ନିରବଚ୍ଛିନ୍ନ ଭାବରେ ପଠାଯାଉନାହିଁ। ଫଳରେ ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ଘଟୁଛି। ବାୟୁରେ ଏସ୍‌ପିସିବିର ନିର୍ଦ୍ଧାରିତ ମାନଦଣ୍ଡଠାରୁ ଅଧିକ ପରିମାଣର କଣିକା ପଦାର୍ଥ ବା ପାର୍ଟିକୁଲାର ମେଟର(ପିଏମ୍)ର ଘନତା ଚିହ୍ନଟ ହୋଇଛି। ଏସ୍‌ପିସିବି ପକ୍ଷରୁ ଏକ ତଦନ୍ତକାରୀ ଦଳ ୮।୮।୨୦୨୫ରେ ନିରୀକ୍ଷଣ କରିବା ପରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟକୁ ୨୯।୧୧।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯଦି ସ୍ପଷ୍ଟୀକରଣ ଦିଆଯାଏ ନାହିଁ କିମ୍ବା ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ, ତେବେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପିସିବି ପକ୍ଷରୁ ଚେତାବନୀ ଦିଆଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ୍ ପରିସରସ୍ଥ ରେଲୱେ ସାଇଡିଂରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ବିଷାକ୍ତ କଞ୍ଚାମାଲ ପରିବହନ ଯୋଗୁ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ରୁନ୍ଧି ହେଉଛନ୍ତି। ଏହାସହ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାରୁ ଉତ୍ପାଦନ ଆରମ୍ଭ ହେବାର ପ୍ରାୟ ୫ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ବହୁ ଗୁରୁତ୍ୱପୂର୍ଣ୍ଣ ସର୍ଫେସ ରନ୍‌ଅଫ୍ ଟ୍ରିଟମେଣ୍ଟ ସିଷ୍ଟମ ଉପଯୁକ୍ତ

**ସିମେଣ୍ଟ ଗୁଣ୍ଡରେ ଅସ୍ତବ୍ୟସ୍ତ କଳିଙ୍ଗନଗରବାସୀ**

**ସିଇଏମ୍‌ଏସ୍, ସିଏକ୍ୟୁଏମ୍‌ଏସ୍ ତଥ୍ୟ ଦେବାରେ ଉଲ୍ଲଂଘନ**

ଭାବେ ବ୍ୟବସ୍ଥିତ ହୋଇପାରିନାହିଁ। ଉପରୋକ୍ତ ଅବ୍ୟବସ୍ଥା ନେଇ ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା, ଏସ୍‌ପିସିବି, ଯାଜପୁର ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ଲାଭ ମିଳି ପାରିନାହିଁ, ଏହାଦ୍ୱାରା କଳିଙ୍ଗନଗରର ଯଖପୁରା, ମାଣ୍ଡିଆ, କିମ୍ବୀରାଗଡ଼ିଆ, ମାନପୁର, ଧୂଳିଗଡ଼, ଦାନଗଦି, ଟ୍ରିଜଙ୍ଗା, ଡୁବୁରୀ, ବାରଗଡ଼ିଆ, ପଙ୍କପାଳ ଆଦି ଗ୍ରାମବାସୀ ସିମେଣ୍ଟ ଗୁଣ୍ଡରେ ନୟାନ୍ତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ନିକଟରେ ଥିବା ସୋଲେଇ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ବାୟୁ ଓ ଜଳ ପ୍ରଦୂଷଣର ଶିକାର ହେଉଛନ୍ତି। ବାର୍ଷିକ ୧.୬ ମିଲିୟନ ଟନ କ୍ଷମତା ବିଶିଷ୍ଟ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କ୍ଲିଙ୍କର, ସ୍ଲାଗ, ଜିପସମ୍ ଭଳି ଅତି ପ୍ରଦୂଷଣକାରୀ ସାମଗ୍ରୀ ପରିବହନ ହେଉଛି। ଫଳରେ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା ପରିସର ସମେତ ଉପରୋକ୍ତ ଗ୍ରାମବାସୀ ବାୟୁ ପ୍ରଦୂଷଣରେ ନାହିଁ ନ ଥିବାର ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଏତେ ଉତ୍କଟ ଯେ, ପଥଚାରୀଙ୍କ ଆଖି ଜଳୁଥିବା କୁହାଯାଉଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। ଏହାସହ କାରଖାନାର ବର୍ଜ୍ୟଜଳ ଓ ବିଭିନ୍ନ କେମିକାଲ ମିଶା ପାଣିକୁ ଉପଚାର କରା ନ ଯାଇ ବେଳେବେଳେ ବାହାରକୁ ଛଡ଼ାଯାଉଛି। ଫଳରେ ଅଞ୍ଚଳର ଜମିବାଡ଼ିର ଉର୍ବରତା ନଷ୍ଟ ହେବା ସହ ଗଣ୍ଡାନାଳ ଓ ଖରସ୍ରୋତା ପାଣି ବିଷାକ୍ତ ହେଉଥିବା ଅଭିଯୋଗ ହେଉଛି। ପାଣି ବିଷାକ୍ତ ହେଉଥିବା ଏସ୍‌ପିସିବି ରିପୋର୍ଟରୁ ମଧ୍ୟ ପ୍ରମାଣ ମିଳିଛି। ବହୁଦିନ ପରେ ଏସ୍‌ପିସିବି ପକ୍ଷରୁ ଜେଏସ୍‌ଡବ୍ଲ୍ୟୁକୁ କାରଣ ଦର୍ଶାଅ ନୋଟିସ ହୋଇଥିବାରୁ ଅଞ୍ଚଳବାସୀ କେତେକାଂଶରେ ଆଶ୍ୱସ୍ତି ଲାଭ କରିଛନ୍ତି। ହେଲେ ଏହି ନୋଟିସ ଦ୍ୱାରା ଅଞ୍ଚଳବାସୀଙ୍କ ସମସ୍ୟାର କ'ଣ ସମାଧାନ ହୋଇପାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି କୁହାଯାଉଛି।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, କାରଣ ଦର୍ଶାଅ ନୋଟିସ ଉପରେ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ନ କଲେ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସାମୂହିକ ଶକ୍ତି ସଞ୍ଚୟକୁ ଗୁରୁତ୍ୱ

**ଆଜି 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ'**



ଶକ୍ତି ହିଁ ସମ୍ବଳ। ଶକ୍ତିର ସଦୁପଯୋଗ କରିପାରିଲେ ଏହା ପ୍ରଗତି ଏବଂ ପ୍ରକୃତିର ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ତେଣୁ ଶକ୍ତି ସଂରକ୍ଷଣ ଏବଂ ଏହାର ସଦୁପଯୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୪କୁ 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଉଛି। ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଇଫିସିଏନ୍ସି (ବିଇଇ) ଦ୍ୱାରା ୧୯୯୧ ଡିସେମ୍ବର ୧୪ରେ ପ୍ରଥମ ଥର ଏହି ଦିବସ ପାଳନ କରାଯାଇଥିଲା। ପରେ ୨୦୦୧ରେ ଶକ୍ତି ସଂରକ୍ଷଣ ଅଧିନିୟମ (ଏନର୍ଜି କଞ୍ଜରଭେଶନ୍ ଆକ୍ଟ) ଲାଗୁ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସ୍ଥାୟୀ ଶକ୍ତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ଆଗକୁ ବଢ଼ାଇବା'। ବର୍ତ୍ତମାନ ସମୟରେ ପ୍ରତ୍ୟେକ କାର୍ଯ୍ୟରେ ଶକ୍ତି ବା ଏନର୍ଜିର ବ୍ୟବହାର ହେଉଛି। ତେବେ ଅଧିକାଂଶ ସମୟରେ ଶକ୍ତିର ଅପବ୍ୟବହାର ହେଉଥିବାବେଳେ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ସଙ୍କଟ ଟାଣି ଆଣୁଛି। ତେଣୁ ସାମୂହିକ ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଦିବସରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଦେଶର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା କ୍ଷେତ୍ରରେ ଶକ୍ତି ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ।

–ବନ୍ଦନା ସେଠୀ

## ଗୟଳ ଆକ୍ରମଣରେ ଜଣେ ମୃତ



ମକରା ସରେନ

ନୀଳଗିରି, ୧୩।୧୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମରେ ଗୟଳ ଆକ୍ରମଣରେ ଶନିବାର ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। କୁଲଡ଼ିହା ପାଦଦେଶକୁ ଲାଗି ରହିଥିବା କଇମହୁଡ଼ି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଯ୍ଯି (୨୭)ଙ୍କର ୫ଟି ଗୋରୁ ହଜିଯାଇଥିଲା। ଉଭୟ ପୂର୍ବାହ୍ନରେ ଗୋରୁ ଖୋଜିବାକୁ ଯାଇଥିଲେ। ଗାଁ ପାଖ କୁଲଡ଼ିହା ରେଞ୍ଜ କଇମହୁଡ଼ି ବିଟ ନିକଟ କାଶିଆଡ଼ହିଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଉଭୟଙ୍କୁ ଅଚାନକ ଆକ୍ରମଣ କରିଥିଲା। ଗୟଳ ଆକ୍ରମଣରେ ମକରା ଗୁରୁତର ହୋଇଥିଲା ବେଳେ ଦୁର୍ଗା ସାମାନ୍ୟ ଆହତ ହୋଇ ପଳାଇଆସି ଗାଁରେ ଖବର ଦେଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଓ ଗୁରୁତର ଅବସ୍ଥାରେ ମକରାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ଘରକୁ ଆଣି ୧୦୮ ଆମ୍ବୁଲାନ୍ସ ଯୋଗେ ଉଦଳା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ସନ୍ଧ୍ୟାରେ ଗାଁ ମଶାଣିରେ ମୃତଦେହ ସତ୍କାର ହୋଇଛି। ଅପରପକ୍ଷରେ ଦୁର୍ଗାଙ୍କୁ ବରହମପୁର ମେଡିକାଲକୁ ନେଇ ଚିକିତ୍ସା କରାଯାଇଥିଲା। ମକରାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ସୁନାରାମ ସରେନ୍, ସୁରେଶ ନାୟକ, ରବୀନ୍ଦ୍ର ଟୁଡୁ, ଝୁନାରାମ ମାରାଣ୍ଡି ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ଫରେଷ୍ଟର ଅଜୟ କୁମାର ଜେନାଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା



ମୃତକଙ୍କ ପରିବାର ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କେନ୍ଦୁଝର, ୧୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

**କିସ୍‌ରେ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ**

ଭୁବନେଶ୍ୱରଠାରେ ଅବସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍) ଛାତ୍ରାବାସରେ ରହି ପଢୁଥିବା ଆଦିବାସୀ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଶନିବାର ପୂର୍ବାହ୍ନ ୧୧ ଟାରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପରିବାର ଲୋକେ, ଗ୍ରାମବାସୀ ଧାରଣା ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିବାର ଲୋକେ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିଲେ। ପରିବାର ପକ୍ଷରୁ ଟାଉନ ଥାନାରେ ହତ୍ୟା ଅଭିଯୋଗ କରିବା ସହ ନ୍ୟାୟ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଟିକରଗୁମୁରା ଗ୍ରାମର ରଘୁନାଥ ମୁଣ୍ଡାଙ୍କ ପୁଅ ଶିବ ମୁଣ୍ଡା ଭୁବନେଶ୍ୱରସ୍ଥିତ କିସ୍‌ରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଶୁକ୍ରବାର ସକାଳେ କିସ୍ କର୍ତ୍ତୃପକ୍ଷ ଫୋନ କରି ପୁଅ ବାଥ୍‌ରୁମରେ ପଡ଼ିଯିବାରୁ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କହିଥିଲେ। ଖବର ପାଇବା ପରେ ରଘୁନାଥ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଯାଇଥିଲେ। ହସ୍ପିଟାଲରେ ତାଙ୍କୁ ପୁଅର ମୃତଦେହ ହସ୍ତାନ୍ତର କରାଯାଇଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ନ କରି ଏବଂ ମେଡିକାଲରେ ଚିକିତ୍ସା ସମ୍ପର୍କିତ କାଗଜ ନ ଦେଇ ପଠେଇ ଦିଆଯାଇଥିଲା। ମାତ୍ର ମୃତଦେହ ଆଣିବା ସମୟରେ ବେକ ଏବଂ ହାତରେ ରଶି ଦାଗ ଦେଖିଥିଲେ। ଫଳରେ ସନ୍ଦେହ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ମୃତଦେହ ଗାଁକୁ ଆଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖି ଅଧିକ ତଦନ୍ତ ଦାବି ସହ ୧ କୋଟି ଟଙ୍କା କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଧାରଣାରେ ବସିଥିଲେ। ପୋଲିସ ସେମାନଙ୍କ ସହିତ ଆଲୋଚନା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିସ୍‌ର କର୍ତ୍ତୃପକ୍ଷଙ୍କୁ ଡକାଇ ଆଲୋଚନା କରାଯିବ ବୋଲି ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍‌ର ଧାରା ୧୦୬ ଓ ୭୫ ଜୁଭେନାଇଲ ଜଷ୍ଟିସ୍‌ରେ ମାମଲା ରୁଜୁ କରିଛି। ରେଡ୍‌କ୍ରସ ପକ୍ଷରୁ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଜିରୋ ଏଫ୍‌ଆଇଆର୍(ନଂ.୪/୨୦୨୫)ରେ ମାମଲା ରୁଜୁ କରି ଇନ୍‌ଫୋସିଟି ଥାନା, ଭୁବନେଶ୍ୱରକୁ ପଠେଇ ଦିଆଯାଇଛି। ସେଠାରେ ଘଟଣା ଘଟିଥିବାରୁ କେସ୍ କରିବାକୁ ଦିଆଯାଇଛି।

# ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ବଙ୍ଗଳା–୨ରେ ରହିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଣିକି ନୂଆଦିଲ୍ଲୀ ଗସ୍ତରେ ଗଲେ ଓଡ଼ିଶା ଭବନ କିମ୍ବା କୌଣସି ହୋଟେଲରେ ରହିବାକୁ ଆଉ ପଡ଼ିବ ନାହିଁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ବଙ୍ଗଳାର ବ୍ୟବସ୍ଥା କରାଯାଇଛି। ଏମିତିକି ଦିଲ୍ଲୀରେ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ରେ ସେ ତାଙ୍କ ସରକାରୀ ବାସଗୃହ ସହିତ ନିଜସ୍ୱ କାର୍ଯ୍ୟାଳୟ ସେଠାରୁ ଚଳାଇବେ। ରାଜ୍ୟ ସରକାରଙ୍କ କୋଟାର ଦୁଇଟି ସ୍ଲଟ୍ ବଦଳରେ ତାଙ୍କୁ ଏହି ବଙ୍ଗଳା ପ୍ରଦାନ କରାଯାଇଛି। ଏଥିଲାଗି ସାଧାରଣ ଲାଇସେନ୍ସ ଫି ପ୍ରଦାନ କରିବେ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୧ ତାରିଖରେ ରାଜ୍ୟ ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କୁ ଚିଠି କରାଯାଇଛି। ସେହି ଚିଠିରେ ଉଲ୍ଲେଖ କରାଯାଇଛି, ଚିଠି ଜାରିହେବାର ୮ ଦିନ ମଧ୍ୟରେ ଏହି ବଙ୍ଗଳା ଗ୍ରହଣ କରିବା ନେଇ କ୍ଲିୟରାନ୍ସ କର। ଜଣେ ଯୋଗ୍ୟ ପ୍ରତିନିଧିଙ୍କ ଜରିଆରେ ବଙ୍ଗଳାକୁ ଦଖଲକୁ ନେଇପାରିବେ। ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ଲାଇସେନ୍ସ ଫି ବାବଦ ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ। ଯଦି ମୁଖ୍ୟମନ୍ତ୍ରୀ ଖାଲି କରିବାକୁ ଚାହିଁବେ ବା ଅବସର ନେଲେ ଏହି ବଙ୍ଗଳା ଆପେ ଆପେ ଜେନେରାଲ ପୁଲ୍ ଅଧୀନକୁ ଚାଲିଯିବ। ଏହାପରେ ରାଜ୍ୟ ସରକାର ନିଜ ଇଚ୍ଛାରେ ଏହି ବଙ୍ଗଳା ଅନ୍ୟ କାହାକୁ ପ୍ରଦାନ କରିପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆଦିଲ୍ଲୀ ସ୍ଥିତ ବଙ୍ଗଳାର ସୁରକ୍ଷା ବ୍ୟବସ୍ଥା ନେଇ ଓଡ଼ିଶାର ଗୋଇନ୍ଦା ବିଭାଗ ପକ୍ଷରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ରାଜ୍ୟ ଆବାସିକ କମିଶନରଙ୍କ ପାଖରୁ ହସ୍ତଗତ ହୋଇଥିବା ଚିଠି ମୁତାବକ ମୁଖ୍ୟମନ୍ତ୍ରୀଙ୍କୁ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶନିବାର ଏହି ବଙ୍ଗଳା ଦଖଲକୁ ନେବେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ଆବଶ୍ୟକ ପୋଲିସ ଫୋର୍ସର ଆବଶ୍ୟକତା ନେଇ ଆବାସିକ କମିଶନର ଜଣାଇଛନ୍ତି। ଜଣେ କ୍ୟାମ୍ପ କମାଣ୍ଡରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ପ୍ରଦାନ କରାଯାଉ। ପ୍ରତ୍ୟେକ ମାସରେ ଏହାକୁ ରୋଟେଶନ ବ୍ୟବସ୍ଥାରେ ଫୋର୍ସ ପରିବର୍ତ୍ତନ ହେବେ ବୋଲି ସେ କହିଛନ୍ତି।

**ସୁରକ୍ଷା ବଳୟରେ ମୁତୟନ ହେବ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ**

### ଦିଲ୍ଲୀରେ ଭିଭିଆଇପି ବଙ୍ଗଳାର ଯଥାର୍ଥତା କ'ଣ ଅଛି: ବିଜେଡି

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ଠାରେ ବଙ୍ଗଳା–୨କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଆଲଟମେଣ୍ଟ କରାଯାଇଛି। ଏହା ସହ ଓଡ଼ିଶା ପୋଲିସର ଏକ ପ୍ଲାଟୁନ ଫୋର୍ସ ସୁରକ୍ଷା ବଳୟ ଭିତରେ ମୁତୟନ ରହିବେ। ଏହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ଗଠନହେବା ପରଠାରୁ ମୋହନ ମାଝୀ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀରେ ଭିଭିଆଇପି ବଙ୍ଗଳା ନେବାର ଯଥାର୍ଥତା କ'ଣ ରହିଛି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନେଇ ଓଡ଼ିଶା ଶାସନର ଡୋରି ସେଠାରେ ରଖିବାକୁ ଭାଜପା ଚାହୁଁଛି। ପ୍ରୋଟୋକଲ୍ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ସେଠିକା ପୋଲିସ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୋଲିସ ଉପରେ ଭରସା ନ କରି ରାଜ୍ୟ ତହବିଲରୁ ବିପୁଳ ଅର୍ଥ ବ୍ୟୟରେ ରାଜ୍ୟ ପୋଲିସ ଫୋର୍ସ ନେବାର ଯଥାର୍ଥତା କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# କୁଲଡ଼ିହା ଅଭୟାରଣ୍ୟରୁ ୩ ଶିକାରୀ ଗିରଫ, ୫ ଦେଶୀ ବନ୍ଧୁକ ଜବତ

ନୀଳଗିରି/ଔପଦା, ୧୩।୧୨ (ପ୍ରଶାନ୍ତ ବିଶ୍ୱାଳ/ଧରିତ୍ରୀ ପଣ୍ଡା)

କୁଲଡିହା ବନବିଭାଗକୁ ପୁଣି ବଡ଼ ସଫଳତା। ଏଆଇ କ୍ୟାମେରା ସହାୟତାରେ ୩ଜଣ ଶିକାରୀଙ୍କ ପରିଚୟ ପାଇ ସେମାନଙ୍କୁ ଘରୁ ଉଠାଇ ଆଣିଛି ବନବିଭାଗ। ସେମାନଙ୍କ ନିକଟରୁ ୫ ଦେଶୀ ବନ୍ଧୁକ ଜବତ ହୋଇଛି। ସୂଚନା ଅନୁଯାୟୀ କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଯୋଡ଼ାଚୁଆ ଅଞ୍ଚଳରୁ ଏଆଇ କ୍ୟାମେରା ସହାୟତାରେ ୨ଜଣ ଶିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇଥିବା ବେଳେ ପୁଣି ଏହି



ଜବତ ବନ୍ଧୁକ ସହ ଗିରଫ ଅଭିଯୁକ୍ତ।

କ୍ୟାମେରା ସାହାଯ୍ୟରେ ପୂର୍ବରୁ ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାର କରି ଶନିବାର ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫ଟି ଦେଶୀବନ୍ଧୁକ ଜବତ କରିଛି। ଉଭୟ କୁଲଡ଼ିହା ଏବଂ ସୋର ବନବିଭାଗ କର୍ମଚାରୀ ଅଭୟାରଣ୍ୟରେ ପାଟ୍ରୋଲିଂ କରିବା ବେଳେ ଏଆଇ କ୍ୟାମେରା ଦ୍ୱାରା ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାର କରି ଔପଦା ଥାନା ଦରଖୋଲି ବେତେଇ ଗ୍ରାମର ଗୁରା ମୁଣ୍ଡା (୫୦), ଗେଡ଼େ ଦେଓଗାମ(୩୫), ବିକ୍ରମ ମୁଣ୍ଡା (୫୫)ଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବନବିଭାଗ ସୂଚନା ଦେଇଛି।

## ଥଣ୍ଡାରେ ଥରୁଛି ଜି.ଉଦୟଗିରି

**ତାପମାତ୍ରା ରହିଛି ୩.୧ ଡିଗ୍ରୀ, ୨ ଦିନ ହେଲାଣି ହେଉଛି ତୁଷାରପାତ**

ଜି.ଉଦୟଗିରି, ୧୩।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ହାଡ଼ଭଙ୍ଗା ଶୀତରେ ଥରୁଛି। ଥଣ୍ଡା ସହ କୋହଲା ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରତିଦିନ ପାରଦ ତଳମୁହାଁ ହେଉଥିବା ବେଳେ ୨ଦିନ ହେଲା ଜି.ଉଦୟଗିରିରେ ୩ ଡିଗ୍ରୀ ତାପମାତ୍ରା ରହୁଛି। ସହର ସହ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଶନିବାର ସକାଳ ସୁଦ୍ଧା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ସେଲସିୟସ ରହିଥିବା ବେଳେ ସେମିଳିଗୁଡ଼ା ୪.୬, ଫୁଲବାଣୀ ୫.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ ରହିଛି। ଅତ୍ୟଧିକ ଥଣ୍ଡା ଯୋଗୁ ସକାଳ ୧୦ଟାଯାଏ ଘରୁ ବାହାରିବା କଷ୍ଟକର ହେଉଛି। ଜି.ଉଦୟଗିରିରେ ବିଗତ ୮ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି। ତେବେ ଶୀତର ମଜା ନେବାକୁ ଜିଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି।

# ବିଜେଡି ଅଭିଯୋଗରେ ପାଲଟା ବର୍ଷିଲେ ଭାଜପା, କଂଗ୍ରେସ

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

**ମହାନଦୀ ଜଳ ବିବାଦ ପ୍ରସଙ୍ଗ**

- ମହାନଦୀକୁ ହତ୍ୟା ଷଡ଼ଯନ୍ତ୍ରର ମୂକ ସାଥୀ କେନ୍ଦ୍ର ସରକାର: ପ୍ରସନ୍ନ
- ୨୨ରେ ବୈଠକ ପରେ ଯାହା କହିହେବ: ଜୟନାରାୟଣ
- ଚିଠିର ଉତ୍ତର ଦେଉ ନ ଥିଲା ବିଜେଡି, ଭାଜପା ସରକାରକୁ ଧନ୍ୟବାଦ: ନରସିଂହ

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ମହାନଦୀ ପ୍ରସଙ୍ଗରେ ଆପୋସ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ ସ୍ପଷ୍ଟ କରାଯାଉ ନାହିଁ। ପ୍ରସନ୍ନଙ୍କ ମନ୍ତବ୍ୟ ଉପରେ ପାଲଟା ଟାର୍ଗେଟକରି ଭାଜପାର ବରିଷ୍ଠ ବିଧାୟକ ତଥା ମହାନଦୀ କମିଟି ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ୨୪ ବର୍ଷରେ ସମାଧାନ କଲେ ନାହିଁ, ଏବେ ସେମାନଙ୍କୁ ପରାମର୍ଶ ଦେଉଛନ୍ତି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ପୂର୍ବ ସରକାରକୁ ଏହି ପ୍ରସଙ୍ଗରେ ଟାର୍ଗେଟକରି କହିଛନ୍ତି, ସେ ବିରୋଧୀ ଦଳ ନେତା ଥିବା ସମୟରେ ମହାନଦୀ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଲାଗି ଚିଠି ଲେଖୁଥିଲେ ମଧ୍ୟ କିଛି ଉତ୍ତର ଆସୁ ନ ଥିଲା।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରସନ୍ନ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଜୀବନ୍ତ ମହାନଦୀକୁ ହତ୍ୟାକରିବା ଲାଗି ଏକ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହି ଷଡ଼ଯନ୍ତ୍ର ଆଜି ମଧ୍ୟ ଚାଲିଛି। ଏହି ଷଡ଼ଯନ୍ତ୍ରରେ ଭାରତ ସରକାର ମୂକ ସାଥୀ ସାଜିଛନ୍ତି। ସମସ୍ତ ବିଧିବିଧାନକୁ ବେଖାତିରକରି ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଥିବାବେଳେ କେନ୍ଦ୍ର ସରକାର ଶୁଣ୍ଢି ସାକ୍ଷୀ ମାତାଲ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି। କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଆକାଶ କଇଁଆ ଚିଲିକା ମାଛରେ ପରିଣତ ହୋଇଛି। ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ। ବର୍ତ୍ତମାନ ରାଜ୍ୟ ସରକାର ଆପୋସ ସମାଧାନର ପ୍ରସ୍ତାବନା କରିଛନ୍ତି, ଓଡ଼ିଶାବାସୀ ଜାଣିବା ପାଇଁ ଚାହାନ୍ତି କି ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ। ସରକାର ଟ୍ରିବ୍ୟୁନାଲରୁ ଓହରିଯିବାକୁ ଯୋଜନା କରୁନାହାନ୍ତି ତ। ରାଜ୍ୟ ସରକାର ଆପୋସ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଙ୍ଗଠନଗୁଡ଼ିକୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ ନା ନାହିଁ। ରାଜ୍ୟବାସୀ ଟ୍ରିପଲ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣ କହିଛନ୍ତି, ୨୪ ବର୍ଷ ସରକାରରେ ବିଜେଡି ମହାନଦୀ ପ୍ରସଙ୍ଗରେ ୨ କିମ୍ବା ୪ଟି କମିଟି କରିଥିଲା। ସେହି କମିଟି କ'ଣ ଅନୁସନ୍ଧାନ କଲା କି ରିପୋର୍ଟ ଦେଲା ତାକୁ ସାର୍ବଜନୀନ କରାଗଲା ନା ନାହିଁ ତାହା ହେଉଛି ମୂଳ ପ୍ରଶ୍ନ। ଯେଉଁ ମହାନଦୀ କମିଟି ସରକାର ଗଠନ କରିଛନ୍ତି ତା'ର ବୈଠକ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ହେବାକୁ ସ୍ଥିର ହୋଇଛି। ବିଜେଡି ସରକାର ୨୪ ବର୍ଷରେ ମହାନଦୀ କଥାରେ କ'ଣ କରିଛନ୍ତି ଜାଣିଲେଣି, ସେଥିଲାଗି ସେମାନଙ୍କୁ ସବୁ ଆକାଶ କଇଁଆ ଚିଲିକା ମାଛ ଭଳି ଲାଗୁଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା କଥା ସେମାନେ ୨୦ ବର୍ଷ କାଳ ଜାଣିପାରିଲେ ନାହିଁ। ବିଜେଡି କଥାର ଗୁରୁତ୍ୱ କିଛି ନାହିଁ। ବିଜେଡି ଯଦି କିଛି କରିଥାଆନ୍ତା ତେବେ ଉପଦେଶ ଦେଇଥିଲେ ଚଳିଥାଆନ୍ତା ବୋଲି ଜୟନାରାୟଣ କହିଛନ୍ତି।

ନରସିଂହ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଥିବାବେଳେ ସର୍ବଦଳୀୟ ବୈଠକ ଡାକିବା ଲାଗି ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ କୌଣସି ଉତ୍ତର ମିଳୁ ନ ଥିଲା। ଏବେ ବିଜେଡି ଯେଉଁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛି ତା'ର ଲାଭ କ'ଣ ଅଛି। ସେହି ସମୟରେ ନବୀନ ପଟ୍ଟନାୟକ କହିଥିଲେ, ଅଣମୌସୁମୀ ସମୟରେ ହୀରାକୁଦକୁ ଯେତିକି ପାଣି ଆସିବା କଥା ଆସୁଛି, ତା'ର ଉତ୍ତର ଏମାନେ ଆଗ ଦିଅନ୍ତୁ। ସରକାର ସର୍ବଦଳୀୟ ବୈଠକ ଡାକିଲେ ସେଠିକି ପ୍ରସନ୍ନ ପ୍ରଥମେ ଯାଆନ୍ତୁ, ସେଠାରେ ନିଜର ମତାମତ ରଖନ୍ତୁ। ଯଦି ସରକାର କିଛି ନ କରିବେ ତା'ପରେ ଗଣମାଧ୍ୟମରେ କିଛି କୁହନ୍ତୁ। ଏବେର ସରକାରଙ୍କୁ ଧନ୍ୟବାଦ ଦେବା କଥା କାରଣ ସେମାନେ ଅନ୍ତତଃ ସର୍ବଦଳୀୟ କମିଟି କରିଛନ୍ତି ବୋଲି ନରସିଂହ କହିଛନ୍ତି।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCBBSBGPL FLYOVER-eOT28, ତା.08.12.2025ରିଖ
କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧା କାର୍ଯ୍ୟ ସହିତ ବାଘୁଆପାଳ ମଧ୍ୟରେ ଫ୍ଲାଇଓଭର ଲାଇନ ସମ୍ବନ୍ଧୀୟ ବାଘୁଆପାଳ ଷ୍ଟେସନରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ନୂତନ ଡିଷ୍ଟ୍ରିବ୍ୟୁଟେଡ୍ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ସଂସ୍ଥାପନ ଓ ପ୍ରଚଳନ।"
ଆନୁମାନିକ ମୂଲ୍ୟ : ₹ 16,91,65,741/-, EMD : ₹ 9,95,800/-, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ।
ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.08.01.2026ରିଖ 1100 ଘଟିକାରେ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.inରେ। ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ / ଭୁବନେଶ୍ୱର
PR-187/CI/25-26

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KUR-525, ତା.05.12.2025ରିଖ
କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ ସାଉଥ/ଖୋର୍ଦ୍ଧା। ରୋଡ୍ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଂ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ : ₹ 89,39,558.82, EMD : ₹ 1,78,800/-
ବିଡ୍ ଆରମ୍ଭ ହେବା ତାରିଖ : ତା.15.12.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.12.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-895/Q/25-26

No.T-115
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**
ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0210/2526

## ବନ ବିଭାଗ କଲୋନୀରୁ ସାପ ଉଦ୍ଧାର

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ସ୍ଥିତ ବନ ବିଭାଗ କଲୋନୀ ପରିସରରୁ ଏକ ବନସୁନ୍ଦରୀ ବା ପାହାଡିଆ ଚିତି ସାପ ବନ ବିଭାଗ କର୍ମଚାରୀ ଉଦ୍ଧାର କରିଥିବା ଦେଖିବାକୁ ମିଳିଛି। କଲୋନୀ ପଛପଟ ବଗିଚାରେ ପିଲାମାନେ ଖେଳୁଥିବା ବେଳେ ସାପଟିକୁ ଦେଖି ଜଣେ ବନ ବିଭାଗ କର୍ମଚାରୀଙ୍କୁ ଖବର କରିବାପରେ ସାପ ସ୍ନାକ କର୍ମଚାରୀ ଆସି ଉକ୍ତ ସାପଟିକୁ ଉଦ୍ଧାର କରିବା ସହ ସୁରକ୍ଷିତ ସ୍ଥାନରେ ନେଇ ଛାଡିଥିବା ବିଷୟ ବନ ବିଭାଗ ପକ୍ଷରୁ କୁହାଯାଇଛି।

**ସଂକ୍ଷେପରେ**

### ତାରାତାରିଣୀ ମନ୍ଦିରର ନୂତନ ନିର୍ବାହୀ ଅଧିକାରୀ ହେଲେ ବିନୋଦ

ପୁରୁଷୋତ୍ତମପୁର, ୧୩।୧୨ (ସବିତା ମିଶ୍ର) ଗଞ୍ଜାମ ଜିଲାର ଆରାଧ୍ୟ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିରର ନୂତନ ନିର୍ବାହୀ ଅଧିକାରୀ ଭାବେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରିବା ସହ ମନ୍ଦିରର ବିକାଶ ସାଙ୍ଗକୁ ଭକ୍ତମାନେ ଯେପରି ସୁବିଧାରେ ମା'ଙ୍କ ଦର୍ଶନ କରିପାରିବେ ସେଥିନେଇ ପଦକ୍ଷେପ ନେବା ଓ ମନ୍ଦିରର ସକାଳ ଦ୍ୱାରଫିଟା ନୀତିଠାରୁ ଆରମ୍ଭକରି ରାତ୍ରରେ ବଡ଼ସିଂହାର ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଯାନିଯାତ୍ରା ଯେପରି ନୀତିନିୟମ ପ୍ରକାରେ ହେବ ସେଥିନେଇ ଅଞ୍ଚଳବାସୀ ଓ ସେବାୟତଙ୍କ ସହଯୋଗ ଲୋଡ଼ିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ଅତିରିକ୍ତ ତହସିଲଦାର ସଂଗିତା ସେଠୀ, ଆଇଆଇସି ରାଜେଶ ନାୟକ, ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ ପଣ୍ଡା, ସେବାୟତ ସଂଘ ସଭାପତି ତପନ ରଣା, ବାପୂଜି ରଣାଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ।

### ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଫୁଲବାଣୀ, ୧୩।୧୨ (ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ଏବଂ ତାଲୁକ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏଥିରେ ୯୩ଟି ମାମଲାର ବିଚାର କରାଯାଇ ୩୫ ଲକ୍ଷ ୨୩ ହଜାର ୩୭୦ ଟଙ୍କା ଆଦାୟ କରାଯାଇଛି। ୩୬ଟି ଶ୍ରମ ବିବାଦ, ୧୦ଟି ବି.ଏସ.ଏନ.ଏଲ ଓ ବିଦ୍ୟୁତ ମାମଲା ବିଚାର କରାଯାଇଛି। ୭ଟି ସ୍ଥାୟୀ ଲୋକ ଅଦାଲତର ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲାର ବିଚାର କରାଯାଇଛି । ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାମ ଶଙ୍କର ହୋତା, ପରିବାର ଅଦାଲତ ବିଚାରପତି ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲା ଜଜ ପ୍ରୀତିଶ ରାଉତରାୟ, ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ବନାଲି ତ୍ରିପାଠୀ, ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି, ମହିଳା ଅଦାଲତ ବିଚାରପତି ବିଶ୍ୱ କଲ୍ୟାଣୀ ମିଶ୍ର, ଏସ.ଡି.ଜେ.ଏମ. ସୌମ୍ୟା ସୋନାଲିକା, ଜେ.ଏମ.ଏଫ.ସି, ବଦ୍ରିନାରାୟଣ ବିଶ୍ୱାଳ ମାମଲାଗୁଡିକର ବିଚାର କରିଥିଲେ ।

### ଧରାକୋଟ ଅଞ୍ଚଳରେ ଶୀତ ଲହରି

ଧରାକୋଟ, ୧୩।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ଅଞ୍ଚଳରେ ଚଳିତବର୍ଷ ଥଣ୍ଡାର ପ୍ରକୋପ ବହୁ ପରିମାଣରେ ବଢ଼ିଛି। ଯାହା ଫଳରେ ଜନ ଜୀବନ ଏକ ରକମ ଅସ୍ତବ୍ୟସ୍ତ ହୋଇପଡିଛି । ଧରାକୋଟରେ ପାରଦ ଆସି ୧୧.୭ରେ ରହିଛି। ଫଳରେ ଅଞ୍ଚଳରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ବିଭିନ୍ନ ସାହି ବସ୍ତିର ଲୋକେ ନିଆଁଜାଳି ତା' ଚାରିପଟେ ଘେରି ବସୁଥିବା ଦେଖିବାକୁ ମିଳୁଛି। ପ୍ରାତଃ ଭ୍ରମଣରେ ଲୋକେ ଯାଇପାରୁନାହାନ୍ତି। ଖରାପଡ଼ିଲେ ସେମାନେ ଓପନ ଜିମ୍‌ରେ ବ୍ୟାୟାମ କରିଛନ୍ତି। ଶୀତଲହରି ଯୋଗୁ ଛୋଟ ପିଲା ଓ ବୟସ୍କ ଲୋକମାନେ ବେଶି ପ୍ରଭାବିତ ହେଉଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟନ ସ୍ଥଳ ଶାନ୍ତିଝର, ପାତାଳେଶ୍ୱରୀ ଝରଣା, କସେଇ ଘାଟି, ମା' ଘୋଡାଦେଈଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ ଲାଗୁଛି।

# ବିଦ୍ୟୁତ୍ ସେବା, ରାସ୍ତା ସହ ଗାଡ଼ି ପାର୍କିଂରେ ଯାତ୍ରୀ ହଇରାଣ

■ନୂଆ ରୂପରେ ପାରଳାଖେମୁଣ୍ଡି ରେଳ ଷ୍ଟେସନ

■ସନ୍ଧ୍ୟା, ରାତିରେ ଘଣ୍ଟାଘଣ୍ଟା ଧରି ହେଉଛି ବିଦ୍ୟୁତ୍ କାଟ୍

ପାରଳାଖେମୁଣ୍ଡି, ୧୩।୧୨ (ଗିରିଧାରୀ ପରିଚ୍ଛା)



ପାରଳାଖେମୁଣ୍ଡି ରେଳ ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ସାମିଲ କରି ନୂତନ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି ରେଳ ବିଭାଗ। ଶେଷ ପର୍ଯ୍ୟାୟରେ କାର୍ଯ୍ୟ ପହଞ୍ଚିଛି। ଷ୍ଟେସନର ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ଦୁଇଟି ପ୍ଲାଟଫର୍ମ, କାର୍ଯ୍ୟାଳୟ କୋଠା ଆଦି ନିର୍ମାଣ କରାଯାଇଛି। ରାତିରେ ରଙ୍ଗବେରଙ୍ଗ ଆଲୋକରେ ଝଲସୁଛି ରେଳଷ୍ଟେସନ ହେଲେ ଯାତ୍ରୀଙ୍କ ପାଇଁ ଗାଡି ପାର୍କିଂ ବ୍ୟବସ୍ଥା, ରେଳଷ୍ଟେସନ ପରିସରର ରାସ୍ତା ନିର୍ମାଣରେ ତ୍ରୁଟି ଓ ସନ୍ଧ୍ୟା ଓ ରାତି ସମୟରେ ସଠିକ ବିଦ୍ୟୁତ୍ ସେବା ଯୋଗାଇବାରେ ତ୍ରୁଟି ପରିଲକ୍ଷିତ ହୋଇଛି। ଯାତ୍ରୀମାନଙ୍କ ସୁବିଧା ଲାଗି ଗାଡି ପାର୍କିଂ ବ୍ୟବସ୍ଥା ରହିଛି। ଶହ ଶହ ଗାଡି ପାର୍କିଂ ପାଇଁ ସୁବ୍ୟବସ୍ଥା ହୋଇଛି । ହେଲେ ପାର୍କିଂ ସ୍ଥଳରେ ଛାତ ନ ଥିବାରୁ ଗାଡିଗୁଡିକ ଖୋଲାରେ ଖରା, ବର୍ଷା, ଶୀତ କାକରରେ ପଡିରହୁଛି । ଫଳରେ ଗାଡିଗୁଡିକ ଖରାପ ହେଉଥିବା କେତେ ଜଣ ଯାତ୍ରୀ ଅଭିଯୋଗ କରିଛନ୍ତି । କେତେ ଜଣ ଯାତ୍ରୀ ଦୁଇରୁ ତିନି ଦିନ ଧରି ସେମାନଙ୍କ ଗାଡି ରଖି ଯାଉଛନ୍ତି। ଏବାବଦରେ ପାର୍କିଂ ଫି ମଧ୍ୟ ପୈଠ କରୁଛନ୍ତି । କିନ୍ତୁ ଖୋଲାରେ ପାର୍କିଂ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ରେଳଷ୍ଟେସନ ପରିସରରେ ନୂଆ ରାସ୍ତା ନିର୍ମାଣ ହୋଇଛି। ଏହି କାମ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ନୂତନ ରାସ୍ତାର କେତେକାଂଶରେ ଘାସ ବାହାରୁ ଥିବା ଦେଖିବାକୁ ମିଳୁଛି । ସେହିପରି ରେଳଷ୍ଟେସନରେ ସନ୍ଧ୍ୟା କିମ୍ବା ରାତି ସମୟରେ ଠିକ ଭାବେ ବିଦ୍ୟୁତ୍ ସେବା ଉପଲବଧ ହେଉ ନ ଥିବା ଯାତ୍ରୀ ଅଭିଯୋଗ କରିଛନ୍ତି। ବେଳେ ବେଳେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଥିବାରୁ ଏହି ସମୟରେ ଟ୍ରେନ ଆସିଲେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଦ୍ୟୁତ୍ କଟି ଷ୍ଟେସନ ପରିସର ଅନ୍ଧକାର ହୋଇପଡୁଥିବାରୁ ଯାତ୍ରୀମାନେ ଅନ୍ଧାରରେ ପଡିଉଠି ଯାତାୟାତ କରୁଥିବା କହିଛନ୍ତି। ସେହିପରି ପାରଳାଖେମୁଣ୍ଡି ଷ୍ଟେସନ ଏହି ଅଞ୍ଚଳର ଏକ ବଡ ରେଳଷ୍ଟେସନ ହୋଇଥିଲେ ସୁଦ୍ଧା ରେଳ ଷ୍ଟେସନ ଦେଇ ଚଳାଚଳ କରୁଥିବା ଟ୍ରେନଗୁଡିକ ଏଠାରେ ମାତ୍ର ଦୁଇ ମିନିଟ ପାଇଁ ରହଣି କରୁଛି। ଫଳରେ ଟ୍ରେନ ଲାଗିଲେ ଭିତରକୁ ଉଠିବା ପାଇଁ ଯାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହେବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହି ରେଳ ଷ୍ଟେସନ ବାର୍ଷିକ ହାରାହାରି ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟିକଟ ବିକ୍ରି ହେଉଛି। ଏଥିରୁ ସବୁବେଳେ ଯାତ୍ରୀଙ୍କ ସଂଖ୍ୟା ଅଧିକ ରହୁଛି। ଏହାକୁ ଗୁରୁତ୍ୱ ଦେଇ ଦୁଇ ମିନିଟ ବଦଳରେ ପାଞ୍ଚ ମିନିଟ ରହଣି କରିବାକୁ ମତ ପ୍ରକାଶ ପାଉଛି। ସେହିଭଳି ଅଞ୍ଚଳବାସୀଙ୍କ ପକ୍ଷରୁ ହାଇଦ୍ରାବାଦ ତଥା ସିକେନ୍ଦ୍ରାବାଦକୁ ଟ୍ରେନ ଚଳାଚଳ ପାଇଁ ବାରମ୍ବାର ଦାବି ହେଉଥିଲେ ହେଁ ଏହାକୁ ରେଳ ବିଭାଗ ଦୃଷ୍ଟି ଦେଉନାହିଁ।

### ୬ ଷ୍ଟେଶନରେ ଟ୍ରେନ କ୍ରସିଂ ବ୍ୟବସ୍ଥା

ପାରଳାଖେମୁଣ୍ଡି ରେଳ ଷ୍ଟେସନରେ ଚାଲିଥିବା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ନୌପଡ଼ା-ପାରଳାଖେମୁଣ୍ଡି-ଗୁଣପୁର ରେଳପଥର ୬ଟି ଷ୍ଟେଶନରେ ଟ୍ରେନ କ୍ରସିଂ ବ୍ୟବସ୍ଥା ସହ ୨ଟି ଲେଖାଏ ପ୍ଲାଟଫର୍ମ ଏବଂ ଫୁଟ ଓଭରବ୍ରିଜ ନିର୍ମାଣ କରିବାକୁ ରେଳ ବିଭାଗ ପକ୍ଷରୁ ଗତ ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭିନ୍ନ ସମୟରେ କାଶୀନଗର ଏବଂ ତେମ୍ଭୁରଠାରେ କ୍ରସିଂ ପାଇଁ ଦାବି ହୋଇ ଆସୁଥିବାବେଳେ ବର୍ତ୍ତମାନ ୬ଟି ଷ୍ଟେଶନରେ କ୍ରସିଂ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି। ପାରଳାଖେମୁଣ୍ଡି-ଗୁଣୁପୁର ମଧ୍ୟରେ ବଂଶଧାରା, କାଶୀନଗର କ୍ରସିଂ ସହ ୨ ଗୋଟି ପ୍ଲାଟଫର୍ମ, ସେହିପରି କେ.ସୀତାପୁରରେ ଦୁଇଟି ପ୍ଲାଟଫର୍ମ ସହ ଫୁଟ ଓଭରବ୍ରିଜ ଏବଂ ଟ୍ରେନ କ୍ରସିଂ, ସେହିଭଳି ପାରଳାଖେମୁଣ୍ଡି-ନୌପଡ଼ା ମଧ୍ୟରେ ପୁରୁଣାପାଟଣାଠାରେ ନୂତନ କ୍ରସିଂ ସହ ଦୁଇଟି ପ୍ଲାଟଫର୍ମ, ତେମ୍ଭୁରଠାରେ ଟ୍ରେନ କ୍ରସିଂ ସହ ଦୁଇଟି ପ୍ଲାଟଫର୍ମ ଏବଂ ଟେକାଲିରେ କ୍ରସିଂ ସହ ପ୍ଲାଟଫର୍ମ ତିଆରି କରାଯିବା ନେଇ ରେଳ ବିଭାଗ ଆକଳନ କରିଛି।

## ଛାତ୍ରୀ ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୧୩।୧୨ (ଅଶେଷ ନାଥ ମିଶ୍ର) ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳର ଏକ ପ୍ରତିଷ୍ଠିତ କଲେଜରେ ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ଦଣ୍ଡ ପାତ୍ରଙ୍କୁ ଗିରଫ କରି ବ୍ରହ୍ମପୁର ପୋକସ କୋର୍ଟକୁ ଚାଲାଣ କରାଯାଇଛି। ଏସ୍‌ଆଇ ରାଜ କିଶୋର ପାତ୍ର ଏହାର ତଦନ୍ତ କରୁଥିଲେ। ମାମଲା ନଂ.୪୪୬/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି।

ଗତ ୬ ତାରିଖରେ ଛାତ୍ରୀଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଦଣ୍ଡ ତାଙ୍କୁ ଅପହରଣ କରି ନେଇଥିଲେ। ଘଟଣା ଜଣାପଡିବା ପରେ ଭୁବନେଶ୍ୱରରେ ରହି ଦିନ ମଜୁରିଆ ରୂପେ କାମ କରୁଥିବା ଛାତ୍ରୀଙ୍କ ମା' ଘରେ ପହଞ୍ଚି ଝିଅର ଖୋଜ ଖବର ନେଇଥିଲେ। ଘର ଆଲାମିରାରେ ପ୍ରାୟ ୧ ଲକ୍ଷ ଟଙ୍କା ଏବଂ ପ୍ରାୟ ୩ ଭରି ଓଜନର ସୁନାହାର, କାନଫୁଲ ନ ଥିବା ଜଣାପଡିଥିଲା। ଝିଅର ସନ୍ଧାନ ନ ମିଳିବାରୁ ଗତ ୮ ତାରିଖରେ ସେ ଦିଗପହଣ୍ଡି ଥାନାରେ ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ମାମଲା ରୁଜୁ କରି ଏସ୍‌ଆଇ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଶୁକ୍ରବାର ତଦନ୍ତକାରୀ ଅଧିକାରୀ ପାତ୍ର ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରିବାରୁ ଲୋକେସନ ବ୍ରହ୍ମପୁର ରେଳ ଷ୍ଟେସନ ଦେଖାଇଥିଲା। ସେ ଟିମ୍ ସହ ଷ୍ଟେସନରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଭୁବନେଶ୍ୱର ପଳାଶୁଣି ନିକଟ ଓଭରବ୍ରିଜ ତଳେ ଏକ କୁଡ଼ିଆରେ ତାଙ୍କୁ ନେଇ ଦଣ୍ଡ ରଖିଥିଲେ। ଗତ ୮ରେ ଭୁବନେଶ୍ୱର ପଳାଶୁଣି ନିକଟରେ ଥିବା ଏକ ମନ୍ଦିରରେ ଦଣ୍ଡ ମୋ ମୁଣ୍ଡରେ ସିନ୍ଦୂର ଲଗାଇ ମୋତେ ବିବାହ କରିଥିବା ନେଇ ଏସ୍‌ଆଇ ସୋଫିଆ ମିଶ୍ରଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀ ବୟାନ ଦେଇଛନ୍ତି। ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

## ସ୍ୱଚ୍ଛତା ଅଭିଯାନ ଅବସରରେ ଶୋଭାଯାତ୍ରା

ମୋହନା, ୧୩।୧୨ (ମନ୍ମଥ ମିଶ୍ର) ବ୍ଲକ ସମିତି ସଭା ଗୃହରେ ଓଡ଼ିଶା ଜୀବିକା ମିଶନ ଶକ୍ତି, ବ୍ଲକ ମିଶନ ଶକ୍ତି ଏବଂ ଆସ୍ଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଓ ଝିଅ ପୁଅ ସମାନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ୮୦ରୁ ଉର୍ଦ୍ଧ୍ୱ ମହିଳା ମିନି ଷ୍ଟାଡ଼ିୟମଠାରୁ ଶୋଭାଯାତ୍ରାରେ ବାହାରି ହାତରେ ସ୍ୱଚ୍ଛତା ଓ ଝିଅପୁଅ ସମାନତା ଉପରେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସମିତି ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ରାଜୀବ ଦାସ, ଜିଲା ସଂଯୋଜକ ତଥା ଜେଣ୍ଡର ପୋଗ୍ରାମ ଅଧିକାରୀ ଶିବାନୀ ପାଣିଗ୍ରାହୀ, ବିପିଏମ୍ କାର୍ତ୍ତିକ ନାୟକ, ଆସ୍ଥା ଡେଭଲପର୍ ସଭାପତି ନୃସିଂହ ଚରଣ ପଣ୍ଡା, ଗୋଷ୍ଠୀ ସମ୍ବଳ ସଂଯୋଜକ କିଶୋର ପ୍ରଧାନ, ବିଏଲସି ରଜନୀକାନ୍ତ ପଣ୍ଡା, ଭୁବନ ଚୌଧୁରୀ, ବିପିସି ଶିବାନନ୍ଦ ସିଂ, ଓକିଲ ସଂଘ ଉପସଭାପତି ସୀମାଞ୍ଚଳ କାର୍ଜି ଅତିଥି ରୂପେ ଉପସ୍ଥିତ ଥିଲେ।

## ଯୁକାଲପଟାସ ଜଙ୍ଗଲରେ କୁଢ଼ କୁଢ଼ ଅଳିଆ

# ଜଙ୍ଗଲରେ ବୁଲିବାକୁ ପର୍ଯ୍ୟଟକଙ୍କ ନାପସନ୍ଦ



ଦାରିଙ୍ଗବାଡି, ୧୩।୧୨ (ଅରୁଣ ସାହୁ) ଓଡିଶାର କଶ୍ମୀର କନ୍ଧମାଳ ଜିଲାର ଦାରିଙ୍ଗବାଡିରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। କଫି ବଗିଚା ସମ୍ମୁଖରେ ରହିଛି ଯୁକାଲପଟାସ ଜଙ୍ଗଲ। ଉକ୍ତ ଜଙ୍ଗଲରେ ବୁଲିବା ପାଇଁ ମଝିରେ ରହିଛି ମାଟି ରାସ୍ତା । ସେହି ମାଟି ରାସ୍ତାରେ ବୁଲି ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଶୀତର ମଜାର ନେବାକୁ ପର୍ଯ୍ୟଟକ ଅଧିକ ପସନ୍ଦ କରନ୍ତି। କୁହାଯାଏ ଯୁକାଲପଟାସର ପତ୍ର ମୁଣ୍ଡବ୍ୟଥା ପାଇଁ ଔଷଧ ପ୍ରସ୍ତୁତ ହୋଇଥାଏ। ସେହି ପତ୍ରର ବାସ୍ନାକୁ ପର୍ଯ୍ୟଟକ ବେଶ୍ ପସନ୍ଦ କରିଥାନ୍ତି। ମାତ୍ର ଏବେ ଉକ୍ତ ଜଙ୍ଗଲରେ କୁଢ଼ କୁଢ଼ ଅଳିଆ ଆବର୍ଜନା, ପ୍ଲାଷ୍ଟିକ, ଅଇଁଠା ଖଲି ସବୁ ପଡିଛି। ଭୋଜି ସରିବା ପରେ ସବୁ ଆବର୍ଜନା ଓ ଅଳିଆ ଆଣି ଜଙ୍ଗଲରେ ଫିଙ୍ଗାଯାଉଛି। ଯୁକାଲପଟାସ୍ ଜଙ୍ଗଲକୁ ଡମ୍ପିୟାର୍ଡ଼ ଭାବେ ବ୍ୟବହାର କରାଯାଉଛି। ଫଳରେ ଉକ୍ତ ଜଙ୍ଗଲର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ପୁତ୍ତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଜଙ୍ଗଲରେ ବୁଲିବା ବେଳେ ଏହା ପର୍ଯ୍ୟଟକଙ୍କ ମନରେ ବିରକ୍ତ ଭାବ ସୃଷ୍ଟି କରୁଛି। ସେମାନେ ନାକ ଟେକୁଥିବା ଦେଖିବାକୁ ମିଳୁଛି। ଡୁଲୁରୀ ଭଳି ଉକ୍ତ ଯୁକାଲପଟାସ ଜଙ୍ଗଲରେ ମଧ୍ୟ ସୁନ୍ଦର ପରିବେଶ ରହିଛି। ପର୍ଯ୍ୟଟକ ଡୁଲୁରୀ ପରେ ଏହି ଯୁକାଲପଟାସ ଜଙ୍ଗଲକୁ ପସନ୍ଦ କରୁଥିଲେ। ଅଥଚ ଏହାର ପରିବେଶ ଦୂଷିତ ହୋଇପଡୁଥିବାରୁ ପର୍ଯ୍ୟଟକ ଧୀରେ ଧୀରେ ମୁହଁ ଫେରାଇବା ଆରମ୍ଭ କଲେଣି। ଗତ ୩ ବର୍ଷ ହେଲା ଆଉ ଯୁକାଲ ପଟାସ ଜଙ୍ଗଲରେ ପର୍ଯ୍ୟଟକ ବୁଲିବା କମିଯାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦନ୍ତଚିକିତ୍ସା ଶିବିର

ବାଲିପଦର, ୧୩।୧୨ (ବିଶିକେଶନ ସ୍ୱାଇଁ) ବାଲିପଦର ଗ୍ରାମ ମାତୃଗିରି ଠାରେ ପ୍ରତିଷ୍ଠିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଡ. ରେଡିସ ଔଷଧ କମ୍ପାନୀ ପକ୍ଷରୁ ଏକ ଦନ୍ତ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଡ.କିରଣ କୁମାର ପାତ୍ର, ଡ.ସତ୍ୟବ୍ରତ ସାହୁ ଓ ଦେବାଶିଷ ଷଡ଼ଙ୍ଗୀ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତା କେ.ସମିତ ପାତ୍ର ଓ ରାଜେନ୍ଦ୍ର ମହାରଣା ସମେତ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ନୟନୀ ମହାରଣା ଏବଂ ଶିକ୍ଷୟିତ୍ରୀ ଶିବାନୀ ରେଡ୍ଡୀ, ଶ୍ରୀଧାଲୀନ ଗୌଡ଼, ମାମାଶ୍ରୀ ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ମଧ୍ୟ ଯୋଗ ଦେଇଥିଲେ। ଶିବିରରେ ପିଲାମାନଙ୍କ ଦାନ୍ତ ଚିକିତ୍ସା କରାଯାଇଥିଲା।

## ପାରଳାଖେମୁଣ୍ଡିରେ ୨,୭୫୩ ମାମଲା ଫଇସଲା

ପାରଳାଖେମୁଣ୍ଡି, ୧୩।୧୨ (ଗିରିଧାରୀ ପରିଚ୍ଛା) ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି, ମୋହନା, ଆର୍. ଉଦୟଗିରି ସିଭିଲ କୋର୍ଟ ପରିସରରେ ଏବଂ ଗ୍ରାମ୍ୟନ୍ୟାୟାଳୟ କାଶୀନଗରରେ ୪ର୍ଥ ଜାତୀୟ ଲୋକ ଆଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଆଦାଲତଗୁଡିକରେ ମୋଟ ୩,୫୪୨ଟି ମାମଲା ଗ୍ରହଣ କରାଯାଇ ୨,୭୫୩ଟି ମାମଲାର ଫଇସଲା ହୋଇଥିଲା। ୨୫ ଲକ୍ଷ ୨୦ହଜାର ୬୭୯ ଟଙ୍କା ସମାଧାନ ରାଶି ନିର୍ଦ୍ଧାରଣ କରାଯାଇଥିଲା। ଅତିରିକ୍ତ ଜଲା ଜଜ୍ ବିଭୁ ପ୍ରସାଦ ପଣ୍ଡା, ମୁଖ୍ୟ ନ୍ୟାୟିକ ଦଣ୍ଡାଧୀଶ ନରଉମ ସେଠୀ, ସିନିୟର ଡିଭିଜନର ସିଭିଲଜଜ ଜୀବାନନ୍ଦ ପାଢ଼ୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ ବେହେରା, ଆଇନସେବା ପ୍ରାଧିକରଣ ସଚିବ ବିମଳ ରାଉଳ, ସିଭିଲଜଜ ସିନିୟର ଡିଭିଜନ ମହିଳାକୋର୍ଟ ରଶ୍ମିତା ସାହୁ, ପାରଳାଖେମୁଣ୍ଡି ଏସଡିଜେଏମ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମଏଫସି ସତ୍ୟଜିତ ପାଣି, ଆର୍.ଉଦୟଗିରି କୋର୍ଟର ସିଭିଲଜଜ ସିନିୟର ଡିଭିଜନ ସୌଦାମିନୀ ବିଶ୍ୱାଳ, ଆର୍.ଉଦୟଗିରି ଜେଏମଏଫସି ତରୁଣ ସେଠୀ, ମୋହନା ଜେଏମଏଫସି ସୁଭଜିତ ବେହେରା, କାଶୀନଗର ଗ୍ରାମ୍ୟ ନ୍ୟାଧିକାରୀ ମୋନାଲି ବେହେରା ନିଜ ନିଜ ଆଦାଲତରେ ଉପସ୍ଥିତ ରହି ଜାତୀୟ ଲୋକ ଆଦାଲତ ପରିଚାଳନା କରିଥିଲେ ।

## ବାଘୁଆ ଜଳସେଚନ ପ୍ରକଳ୍ପର ରବି ଋତୁ ଚାଷ ଅଧିବେଶନ



ବୁଗୁଡ଼ା, ୧୩।୧୨ (କାଳିଚରଣ ଦାଶ) ବୁଗୁଡ଼ା ସ୍ଥିତ ବାଘୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଶୁକ୍ରବାର ରବି ଋତୁ ଚାଷ ନିମନ୍ତେ ଜଳ ଯୋଗାଣ ସମ୍ପର୍କିତ ଅଧିବେଶନ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରକଳ୍ପର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ କୃଷ୍ଣ ଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଭାପତି ରବି ଋତୁରେ ବାଘୁଆ ଜଳସେଚନ ପ୍ରକଳ୍ପର ଆୟକଟ୍ ଅଞ୍ଚଳର ଉପରି ମୁଣ୍ଡରେ ଚାଷ କାର୍ଯ୍ୟ କରିବା ପାଇଁ ଚାଷୀମାନଙ୍କୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ଶତକଡା ୯୩ .୪ ରହିଥିଲେ ମଧ୍ୟ ଅଯଥା ଜଳର ଅପଚୟ ନ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ବୁଗୁଡ଼ା କୃଷି ଅଧିକାରୀ ହରପ୍ରିୟା ବେହେରା ଓ ପୋଲସରା କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢୀ ଯୋଗ ଦେଇଥିଲେ। ସେହିପରି ବୈଠକରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା ବିଲାତି ଆଳୁ ଚାଷ ସମ୍ପର୍କରେ ଆଲୋକପାତ କରିବା ସହ ଆସନ୍ତା ରବି ଋତୁରେ ଆଳୁ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ରବିଋତୁରେ ବାଘୁଆ ଜଳଭଣ୍ଡାରରେ ଥିବା ଗଚ୍ଛିତ ଜଳକୁ ବାଘୁଆ ଜଳଭଣ୍ଡାରର ଉଭୟ ବାମ ଓ ଡାହାଣ କେନାଲ ଦେଇ ୨୦କିମି ପର୍ଯ୍ୟନ୍ତ ଆସନ୍ତା ୧୬ ଜାନୁଆରୀ ୨୬ ତାରିଖ ଠାରୁ ପର୍ଯ୍ୟାୟକ୍ରମେ ୫ଟି ପର୍ଯ୍ୟାୟରେ ଜଳ ଯୋଗାଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ଏଥିରେ ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜୀବନ ମହାପାତ୍ର ସହଯୋଗ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଇଂ କେଶବ ଖଟାଇ ସ୍ୱାଗତ ଭାଷଣ ଓ ଇଂ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ନବୋଦୟ ପ୍ରବେଶିକା ପରୀକ୍ଷାରେ ୨୧ ଅନୁପସ୍ଥିତ

ଆସିକା ୧୩।୧୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ସ୍ଥିତ ହରିହର ହାଇସ୍କୁଲଠାରେ ଶନିବାର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ଆସିକା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର ୨୬୯ ଜଣ ପରୀକ୍ଷା ଦେବା ଲାଗି ପ୍ରବେଶ ପତ୍ର ପ୍ରଦାନ କରାଯାଇଥିଲା ବେଳେ ୨୧ଜଣ ଅନୁପସ୍ଥିତ ରହିଥିଲେ। ସମୁଦାୟ ୨୪୮ଜଣ ଏହି ପରୀକ୍ଷାରେ ସାମିଲ୍ ହୋଇଥିଲେ। ଗୋଷ୍ଠଇ ଶିକ୍ଷା ଅଧିକାରୀ ମୁନ୍ ରାଣୀ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି, ନବୋଦୟ ବିଦ୍ୟାଳୟର ନିରୀକ୍ଷକ ବନ୍ଦନା କୁମାରୀ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ ।

## ଏବିଭିପିର ଫୁଲବାଣୀ ନଗର ସମ୍ମିଳନୀ




ଫୁଲବାଣୀ, ୧୩।୧୨ (ରାକେଶ କୁମାର ରାଉତ) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଫୁଲବାଣୀ ନଗର ସମ୍ମିଳନୀ ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ଆରଏସଏସ ସଂଘ ଚାଳକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, ଜିଲା ସହ ପ୍ରମୁଖ ସୌମ୍ୟ ରଞ୍ଜନ ଡାକୁଆ , ଜିଲ୍ଲା ସହ ସଂଯୋଜକ ଶୁଭମ ଜ୍ୟୋତି ପ୍ରଧାନ ଯୋଗ ଦେଇଥିଲେ। ଏବିଭିପିର ଲକ୍ଷ୍ୟ, ଆଦର୍ଶ ଏବଂ ରାଷ୍ଟ୍ରୀୟ ପୁନର୍ନିର୍ମାଣରେ ଛାତ୍ରର ଭୂମିକା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଫୁଲବାଣୀ ନଗରର ନୂତନ କାର୍ଯ୍ୟକାରିଣୀ ଘୋଷଣା କରା ଯାଇଥିଲା। ନଗର ସଭାପତି ଭାବେ ଅଧ୍ୟାପକ ମୋଧୋପା ସୁନା, ନଗର ସମ୍ପାଦକ ଭାବରେ ବିଶ୍ୱଜିତ ସାମନ୍ତରା ସର୍ବ ସମତି କ୍ରମେ ଚୟନ ହୋଇଥିଲେ।

### ଟାଙ୍ଗଣାପଲୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଛତ୍ରପୁର, ୧୩।୧୨ (ଦିଲ୍ଲୀପ ସାମଲ) ଓଡ଼ିଶା ମାଧ୍ୟମିକ ଶିକ୍ଷକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଟାଙ୍ଗଣାପଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଉତ୍ସବକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ରାଜ୍ୟ ଅଧ୍ୟକ୍ଷ ତଥା ଓଷ୍ଟା ଗଞ୍ଜାମର ପ୍ରାକ୍ତନ ସମ୍ପାଦକ କାମରାଜୁ ମହାରଣା ଉଦ୍‌ଘାଟନ କରି ଓଷ୍ଟାର ଶିଶୁ ମେଳା ଇତିହାସ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବି.ସୁଦାମ ଯୋଗଦେଇ ଓଷ୍ଟାର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଶ୍ରୀନୀଳାକାଣ୍ଡେଶର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବୀ, ସମିତି ସଭ୍ୟ ପ୍ରତିନିଧି ଅମରେଶ୍ୱର ସାହୁ, ବିଧାୟକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍‌ର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ, ସଂଗୀତ, ଜିକେ, କୁଇଜ, ଗଳ୍ପ ଲିଖନ, କବିତା ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଓଷ୍ଟାର ଜିଲା ପ୍ରତିନିଧି ରାମ ଚନ୍ଦ୍ର ପୋଲାଇ, ଜିଲା ଯୁଗ୍ମ ସମ୍ପାଦକ ସୁଧୀର ସେଠୀ, ପୂର୍ବତନ ଯୁଗ୍ମ ସମ୍ପାଦକ କୈଳାଶ ବେହେରା ଓ କୋରେଶ ଚନ୍ଦ୍ର ଶତପଥୀ, ଭୀମସେନ ଗୌଡ଼ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ଲକ୍‌ସମ୍ପାଦକ ଧୀରେନ୍ଦ୍ର ନାଥ ସଭାପତି ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ସାଗରିକା ପାଢ଼ୀ, ନିରୁପମା ମିଶ୍ର, ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ଜି.ବିଜୟାଲକ୍ଷ୍ମୀ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ଛତ୍ରପୁର କୋର୍ଟରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଛତ୍ରପୁର, ୧୩।୧୨ (ଦିଲ୍ଲୀପ ସାମଲ) ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ ସାମଲ, ସିନିୟର ସିଭିଲଜଜ୍ ପୂଜା ଦେ, ଏସ୍‌ଡିଜେଏମ୍ ପ୍ରିତିଶ ରଥ ଓ ଜେଏମ୍‌ଏଫସି ସ୍ୱାଗତିକା ସ୍ୱାଇଁ ଉପସ୍ଥିତ ଥିଲେ। ୧୪୮ଟି ମାମଲାର ବିଚାରଣ ହୋଇ ୬୧ଟି କେସର ଫଇସଲା କରି ମୋଟ ୪୩ ଲକ୍ଷ ୬୫ ହଜାର ୮୬୦ ଟଙ୍କା ଆଦାୟ କରିଛନ୍ତି। ଏହାସହିତ ୮ ଟି କ୍ରିମିନାଲ କମ୍ପାଉଣ୍ଡବେଲ୍, ୧ଟି ବୈବାହିକ ଏବଂ ୨୭ଟି କ୍ରିମିନାଲ ମାମଲାର ଫଇସଲା ହୋଇଛି। ଗୋକୁଳ ଚନ୍ଦ୍ର ପଣ୍ଡା, ଓକିଲ ସୀମାଞ୍ଚଳ ମହାପାତ୍ର, ସୁରଜିତ ସାମନ୍ତରାୟ, ସୁମିତ ସାହୁ, କୃଷ୍ଣ ଚନ୍ଦ୍ର ସାହୁଓ ଅନ୍ୟମାନେ ମାମଲା ପରିଚାଳନା କରିଥିଲେ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷା ବିଚାରପତି ମହାଶ୍ୱେତା ପରିଜା ବିଦ୍ୟୁତ ବିଭାଗ ଟିପିଏସ୍‌ଓଡିଏଲ୍ ପକ୍ଷରୁ ପଞ୍ଜୀକୃତ ୫୧ଟି ମାମଲାର ଶୁଣାଣି କରିଥିଲେ। ଶୁଣାଣିରୁ ୬ ଲକ୍ଷ ୫୧ ହଜାର ୨୪୯ ଟଙ୍କା ଆଦାୟ କରାଯାଇଥିଲା। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଆଗତ ୨୧ଟି ଋଣ ସମ୍ପର୍କିତ ମାମଲାର ଫୈସଲା କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ନିଳୀମା ଷଡଙ୍ଗୀ ୮ଟି ଫୌଜଦାରି ମାମଲାର ଫଇସଲା କରିଥିଲେ। ଓକିଲ ନକୁଳ ପ୍ରଧାନ, ପ୍ରଦୀପ ଶତପଥୀ, ଅଞ୍ଜଳି ମହାରଣା, ପ୍ରଦୀପ ପୁରୋହିତ ଓ ଅନ୍ୟମାନେ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

**ଆସିକା: (ସୁରେନ୍ଦ୍ର ନାଥ ସାହୁ):** ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲା ଦୌରା ଜଜ୍ ମନୋଜ କୁମାରଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ସୁକାନ୍ତ ଜେନା, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗିତାଳି ନାଇଡୁ, ତୃପ୍ତି ଦାସ, ଜେ.ମୋହିନୀ, ଆଇନସେବା ପ୍ରାଧିକରଣର ସଦସ୍ୟ ବରିଷ୍ଠ ଆଇନଜୀବୀ ଇ. ଅନନ୍ତସୟନମ୍, ରଶ୍ମିତା ସେନାପତି ମାମଲାଗୁଡ଼ିକର ବିଚାର କରିଥିଲେ। ମୋଟ ୧୩୭ଟି ମାମଲାର ଫଇସଲା କରାଯାଇଥିଲା।

**ବୁଗୁଡ଼ା,(କାଳିଚରଣ ଦାଶ):** ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ତାଲୁକ ଆଇନ ସେବା ପ୍ରାଧିକରଣ ଚେୟାରମ୍ୟାନ ତଥା ବିଚାରପତି ସୁଧାଶ୍ରୀ ସୁରର୍ଝେଲିଆ ଅଧ୍ୟକ୍ଷତା କରିଥିଲେ। ଅଦାଲତରେ ୫୪ଟି ମାମଲାର ବିଚାର କରାଯାଇ ଫଇସଲା ହୋଇଥିଲା। ଓକିଲ ସଂଘ ସଦସ୍ୟ ଓ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ।

**ଭଞ୍ଜନଗର,(ବାବୁଲା ପ୍ରଧାନ):** ଭଞ୍ଜନଗର କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ୪୨୨ଟି ମାମଲାରେ ଶୁଣାଣି ହୋଇ ୨୨୭ ମାମଲାର ଫଇସଲା ହୋଇ ୮୧ ଲକ୍ଷ ୪ ହଜାର ୯୭୮ ଟଙ୍କା ଆଦାୟ କରାଯାଇଛି । ବିଦ୍ୟୁତ୍ ସଂକ୍ରାନ୍ତୀୟ ମାମଲା ଅଧିକ ସମାଧାନ ହୋଇଥିବା ଜଣାପଡିଛି। ଭଞ୍ଜନଗର ଅତିରିକ୍ତ ଜିଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ, ଶେଖ ମହମ୍ମଦ କଏସ, ସିନିୟର ସିଭିଲ ଜଜ୍ ଦେବାଶିଷ ବିଶୋୟୀ, ଏସ୍‌ଡିଜେଏମ୍ ସୌମ୍ୟ ରଞ୍ଜନ ପୃଷ୍ଟି ଜେଏମଏଫ୍‌ସି ଭିଯେନା ନାୟକ ମାମଲାଗୁଡ଼ିକର ବିଚାରଣା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ପଣ୍ଡା, ବାର ଆସୋସିଏଶନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ସମ୍ପାଦକ ଜ୍ୟୋତି ରଞ୍ଜନ ପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର, (ସବିତା ମିଶ୍ର):** ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ସିନିୟର ସିଭିଲଜଜ୍ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ଶରତ ସାହୁ ଓ ଜେଏମଏଫସି ବିଚାରପତି ଅନନ୍ୟା ଅର୍ପିତା ୫୮ଟି ବିଭିନ୍ନ ମାମଲାର ବିଚାର କରି ଫଇସଲା କରିଥିଲେ। ବ୍ୟାଙ୍କ ଓ ବିଦ୍ୟୁତ୍ ବିଭାଗ ସମ୍ପର୍କିତ ମାମଲାଗୁଡିକର ମଧ୍ୟ ଫଇସଲା ହୋଇଛି।

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ ପୁରୁଷ ଦଳର ରାଇପୁର ଗସ୍ତ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଶନିବାର ଟେବୁଲ ଟେନିସ ପୁରୁଷ ଦଳର ରାଇପୁର ଗସ୍ତ କରିଛନ୍ତି। ସେଠାରେ ପଣ୍ଡିତ ରବି ଶଙ୍କର ଶୁକ୍ଲା ୟୁନିଭରସିଟି ଠାରେ ଆସନ୍ତା ୧୫ରୁ ୧୯ ତାରିଖ ଯାଏ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ଟିର୍କିଟି ମହାବିଦ୍ୟାଳୟର ଗୁପ୍ତ ପ୍ରସାଦ ପାଣିଗ୍ରାହୀ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ସୋନୁ ରେଡ୍ଡୀ,ଖଲ୍ଲିକୋଟ ଆରସିଏମ କଲେଜ ଓ ସାଇନ୍ସ କଲେଜର ସୁଶାନ୍ତ ଜାନି, ଶୁଭମ ସାହୁ ରହିଥିବା ବେଳେ ମ୍ୟାନେଜର ଓ କୋଚ ଭାବେ ଫୁଲବାଣୀ କଲେଜର ପିଇଟି ଜଗନ୍ନାଥ ମାଝୀ ଗସ୍ତ କରିଛନ୍ତି। କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ଜଗନ୍ନାଥ ଚୌଧୁରୀ, ପ୍ରଦୀପ ନାୟକ, ସୁନିତା ପାତ୍ର, ଦୁଷ୍ମନ୍ତ ପାଢ଼ୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଓକିଲ ସଂଘ କାର୍ଯ୍ୟାଳୟରେ ୧୦୮ ହନୁମାନ ଚାଳିଶା

ଛତ୍ରପୁର,୧୩।୧୨ (ଦିଲ୍ଲୀପ ସାମଲ)

ଛତ୍ରପୁରସ୍ଥିତ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଶନିବାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଓକିଲ ସଂଘର ସଭାପତି ପ୍ରଦୀପ ପାଢ଼ୀଙ୍କ ତତ୍ତ୍ୱବଧାନ। ୧୦୮ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଥିଲା। ରାମନାମରେ ପ୍ରକମ୍ପିତ କାର୍ଯ୍ୟାଳୟ ହୋଇଥିଲା। ପୂଜକ ଶଙ୍କର ମୁନୀ ଓ ଆଇନଜୀବୀ ଡ.ପ୍ରଶାନ୍ତ ଶତପଥୀଙ୍କ ଦ୍ୱାରା ବିଭିନ୍ନ ପୂଜା ଓ ହୋମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଆଇନଜୀବୀ ପଦ୍ମ ଚରଣ ସାହୁ, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ସାହୁ, ସୁରେଶ ପଣ୍ଡା, ମୋହନ ରେଡ୍ଡୀ, କେଶବ ନାୟକ, ମନୋଜ ବେହେରା, ଗଙ୍ଗାଧର ପଣ୍ଡା, ଡମି ନାଥ ସାହୁ ଓ ପ୍ରଦୀପ ପାତ୍ରଙ୍କ ସମେତ ସମସ୍ତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### କନ୍ଧମାଳ ପ୍ଲସକୁ ହରାଇ ଫାଇନାଲରେ ଦାରିଙ୍ଗବାଡି

ଚକାପାଦ,୧୩।୧୨(ପ୍ରତାପ କିଶୋର ବେହେରା)

ଗୌରୀ ଶଙ୍କର ଯୁବକ ସଂଘର ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟର ସେମିଫାଇନାଲରେ କନ୍ଧମାଳ ପ୍ଲସକୁ ହରାଇ ଦାରିଙ୍ଗବାଡି ଦଳ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ପଦ୍ମନାଭ ବେହେରା, ଚକାପାଦ ବ୍ଲକ ଅଧ୍ୟକ୍ଷା ବୈଇନେତ୍ରୀ କହଁର, ଚକାପାଦ ବ୍ଲକ ବିଜୁ ଜନତା ଦଳ ସଭାପତି ପ୍ରେମାନନ୍ଦ ପ୍ରଧାନ, ପଞ୍ଚାୟତ ସଭାପତି ଅଶ୍ୱନୀ ପ୍ରଧାନ, ସରପଞ୍ଚ ସୁମତି କହଁର, ମୁଠା ଅଧିକାରୀ କିଶୋର ଚନ୍ଦ୍ର କହଁର, ପ୍ରତାପ କିଶୋର ବେହେରା ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁଧୀର ଡିଗାଲ ଉପସ୍ଥିତ ଥିଲେ। ସଭାପତି ଚିତ୍ତରଞ୍ଜନ ଡିଗାଲ ପରିଚାଳନା କରିଥିଲେ। ସମ୍ପାଦକ ରଙ୍କନିଧି ଡିଗାଲ ଧନ୍ୟବାଦ ଦେଇଥିଲେ।

### ଧାନ ମଣ୍ଡା ମେଶିନରେ ହାତ କଟି ଯୁବକ ଗୁରୁତର

ମୋହନା,୧୩।୧୨(ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ପିଣ୍ଡିକି ପଞ୍ଚାୟତ ନିଜମା ଗାଁରେ ଧାନ ମଣ୍ଡା ମେଶିନରେ ହାତ କଟିଯିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଶନିବାର ପୂର୍ବାହ୍ନରେ ଗାଁର ଅଭିମନ୍ୟୁ ମଲ୍ଲିକ ନିଜ ଜମିରେ ଧାନ ମଣ୍ଡା ମେଶିନ ଦ୍ୱାରା ଧାନ ସଫା କରୁଥିଲେ। ଏହି ସମୟରେ ତାଙ୍କ ହାତ ମେଶିନରେ ପଶିଯାଇଥିଲା। ଫଳରେ ତାଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡା. ସିମ୍ରାନ ବିଷୋୟୀ ପ୍ରାଥମିକ ଚିକିତ୍ସା କରି ଅଭିମନ୍ୟୁଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଛନ୍ତି।

### ପାଠଚକ୍ର, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବୁଗୁଡ଼ା,୧୩।୧୨(କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ଇତିହାସ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଏକ ପାଠଚକ୍ର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଡ.ପ୍ରଦୀପ ଦାଶ ଯୋଗଦେଇ ପାଠଚକ୍ରର ଶୀର୍ଷକ 'ଦୟାନନ୍ଦ ସରସ୍ୱତୀ ଓ ଆର୍ଯ୍ୟ ସମାଜ' ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ବର୍ଷାରାଣୀ ଦାଶ ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲେ।

# ଗଞ୍ଜାମରେ ବିଦେଶାଗତ ପକ୍ଷୀଙ୍କ କାକଳି

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

**ସମରଝୋଳ ପୋଖରୀରେ ରେଡ୍ କ୍ରେୟେଷ୍ଟଡ୍ ପୋଚାର୍ଡ**



ସମରଝୋଳ ପୋଖରୀରେ ଖେଳୁଥିବା ରେଡ କ୍ରେୟେଷ୍ଟଡ୍ ପୋଚାର୍ଡ।

ଭାରତକୁ ଶୀତ ଆସିଛି। ଶୀତ ଆସିଲେ ଏସିଆର ବିଭିନ୍ନ ସ୍ଥାନ ଓ ଏସିଆ ବାହାରର ବିଭିନ୍ନ ସ୍ଥାନରୁ ବିଦେଶାଗତ ପକ୍ଷୀମାନଙ୍କ ଭାରତକୁ ଆଗମନ ହୋଇଥାଏ। ସେହିକ୍ରମରେ ଓଡ଼ିଶାର ଚିଲିକା ସହିତ ଅନ୍ୟାନ୍ୟ ପୋଖରୀରେ ଏବେ ବିଦେଶାଗତ ପକ୍ଷୀଙ୍କ କାକଳୀ ଶୁଭୁଛି। ବିଭନ୍ନ ରଙ୍ଗବେରଙ୍ଗର ପକ୍ଷୀ ଦେଖଣାହାରୀଙ୍କୁ ଯେତିକି ଆକୃଷ୍ଟ କରିଥାଏ ସେମାନଙ୍କ ସୁରକ୍ଷା ସେତିକି ପରିବେଶବିତ୍‌ଙ୍କୁ ଚିନ୍ତା ଆଣିଥାଏ। ସେହି କ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ପୋଖରୀ ଓ ଋଷିକୁଲ୍ୟା ନଦୀକୁ ଅନେକ ପକ୍ଷୀ ଆସିଥିବା କିଛି ପରିବେଶବିତ ପ୍ରକାଶ କରିଛନ୍ତି। ସୁଦୂର ସାଇବେରିଆ, ରୁଷିଆ, ଇଂଲଣ୍ଡ, କାଜାଖସ୍ତାନ, ଇରାନ, ଇରାକ, ମଙ୍ଗୋଲିଆ ଆଦି ଅଞ୍ଚଳରେ ପ୍ରବଳ ହିମପ୍ରବାହରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ପକ୍ଷୀମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ହଜାର ହଜାର ମାଇଲ ଅତିକ୍ରମ କରି ଓଡିଶାରେ ପହଞ୍ଚିଛନ୍ତି । ଶୀତଦିନେ ଏଠାକାର ପୋଖରୀରେ ପ୍ରଚୁର ପରିମାଣର ଖାଦ୍ୟ ମିଳିବା ସହିତ ସେମାନଙ୍କ ପ୍ରଜନନ କରିବା ପାଇଁ ସୁବିଧା ମିଳୁଥିବାରୁ ସେମାନେ ଏଠାକୁ ଆକୃଷ୍ଟ ହୋଇ ଆସିଥାନ୍ତି। ସେମାନଙ୍କ ଶାବକମାନଙ୍କୁ ଖାଦ୍ୟ ଏବଂ ନିଜେ ବଞ୍ଚିବାକୁ ଏକ ସର୍ବୋତ୍ତମ ପରିବେଶ ବୋଲି ବାଛିଥାନ୍ତି। ବର୍ତ୍ତମାନ ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକ ସମରଝୋଳ ପୋଖରୀରେ ଚଳିତ ବର୍ଷ ବିଭିନ୍ନ ବିଦେଶୀ ଓ ଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି। ପୋଖରୀ ପୁନଃରୁଦ୍ଧାର ପାଇଁ କିଛି ବର୍ଷ ହେଲା ପକ୍ଷୀ ଆସୁନଥିଲେ। ଦୀର୍ଘ ପାଞ୍ଚ ବର୍ଷ ପରେ ପୁଣି ଖାଦ୍ୟ ଅନୁସନ୍ଧାନରେ ରେଡ କ୍ରେୟେଷ୍ଟଡ୍ ପୋଚାର୍ଡ (ବତକ ଜାତୀୟ), ଟଫଟେଡ୍ ଡକ୍, ଇଉରିସିଆନ କୁଟ ପ୍ରଜାତିର ପକ୍ଷୀ ଆସିଛନ୍ତି। ଏହା ସହ ସ୍ଥାନୀୟ କଟନ ପିଗମୀ ଘୋସ, ମାଟିଆ ଗେଣ୍ଡି, ମାଛ ରଙ୍କା, କାମ ଚଢ଼େଇ ଆଦିଙ୍କ ସମାଗମ ହୋଇଛି ବୋଲି ପରିବେଶବିତ ତଥା ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସହିତ ଅନ୍ୟାନ୍ୟ ପରିବେଶବିତ ପ୍ରକାଶ କରିଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ ସଚେତନତାର ଅଭାବ ଯୋଗୁ ସେମାନଙ୍କ ସୁରକ୍ଷା ଏବେ ବଡ ପ୍ରଶ୍ନ ହୋଇଛି। ବନ ବିଭାଗ ତରଫରୁ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପ୍ରତି ସଚେତନତା କାର୍ଯ୍ୟକ୍ରମ କରାଗଲେ ଶିକାରୀମାନେ ବି ଶିକାରରୁ କ୍ଷାନ୍ତ ରହିବେ। ଚଳିତ ବର୍ଷ ଆସିଥିବା ପକ୍ଷୀ ସୁରକ୍ଷିତ ଫେରିଲେ ପୁଣି ଆସନ୍ତା ବର୍ଷକୁ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପରିବେଶବିତ ମାନେ ଆଶା ପ୍ରକାଶ କରିଛନ୍ତି।

## ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘର ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

୮ଦଫା ଦାବି ନେଇ ଆୟୁଷ ଭେଷଜ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଧାରଣା ସ୍ଥଗିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ଏହି ସୂଚନା ଦେଇଛି। ଧାରଣାରତ ବିଦ୍ୟାର୍ଥୀଙ୍କ ଦାବି ସଂକ୍ରାନ୍ତରେ ଆଲୋଚନା କରି ବିଭାଗୀୟ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି। କିଛି ମାସରେ ଦାବି ପୂରଣ କରାଯିବା ନେଇ ଆଶ୍ୱସନା ମିଳିବା ପରେ ଛାତ୍ରୀଛାତ୍ର ଧାରଣାରୁ ଓହରିଛନ୍ତି। ରାଜ୍ୟ ସଂଘର ଆହ୍ୱାନକ୍ରମେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଅଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ରୀଛାତ୍ର ଗତ ମାସ ୬ ତାରିଖରୁ କଳବ୍ୟାଜ ପିନ୍ଧି ପ୍ରତୀକାତ୍ମକ ଧାରଣା ଦେଇଥିଲେ। ସୁଫଳ ନ ମିଳିବାରୁ ଗତ ମାସ ୨୪ରୁ କଲେଜ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ସେଥିରୁ ସୁଫଳ ନମିଳିବାରୁ ଗତ ୮ ତାରିଖରେ ଛାତ୍ରୀଛାତ୍ର ଆମରଣ ଅନଶନ ଆରମ୍ଭ କରିଥିଲେ। କିଛି ଛାତ୍ର ଅସୁସ୍ଥ ହେବା ପରେ ଆୟୁଷ ବିଭାଗର ନିର୍ଦ୍ଦେଶିକା ଆସି ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସଂଘ ପକ୍ଷରୁ ଏକ ଟିମ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛି ସଂଘ। ଆସନ୍ତା ୩ ମାସରେ ଉପରୋକ୍ତ ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଏକ ପ୍ରେସବିଜ୍ଞପ୍ତିରେ ସଂଘ କହିଛି।

## ଜିଲା ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ୬୨ ତମ ଗଞ୍ଜାମ ଜିଲା ଆଥଲେଟିକ ମିଟ୍ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକ ହଜାର କ୍ରୀଡା ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ପ୍ରତିଯୋଗିତା ରବିବାର ଉଦ୍‌ଯାପିତହେବ। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏବଂ ଅତିଥି ଭାବେ ଅଶୋକ ଶୁକ୍ଳା, ପ୍ରଦୀପ ନାୟକ, ବାଳକୃଷ୍ଣ ସାମନ୍ତରାୟ ଯୋଗ ଦେଇଥିଲେ। ଜିଲା କ୍ରୀଡା ସଙ୍ଘ ସଦସ୍ୟ କେଦାର ଚୌଧୁରୀ, ଡି. ଆପ୍ପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଡି. ଗନ୍ତାୟତ, ଏଲ୍. କେ ରାଓ ରେଡି, ବିଜୟ ପଟ୍ଟନାୟକ, ନାରାୟଣ ନାୟକ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ରାଜେନ୍ଦ୍ର ସାହୁ, ପ୍ରମୋଦ ମହାରଣା, ଗୋପାଳ ପଣ୍ଡା, ସୁଦର୍ଶନ ସେଠି, ଟୁକୁ ସେଠି, ରବୀନ୍ଦ୍ର ମହାରଣା, ବିଶ୍ୱନାଥ ପାତ୍ର, ଟି. ଶ୍ରୀନିବାସ, ଖେଳ ସଂଚାଳନା କରିଥିଲେ କେ. ଭି. ଜି ରବି କୁମାର ବୋଲି ଜିଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଭାରତୀୟ ଦୃଷ୍ଟିକୋଣରୁ ଭାଷା ଗବେଷଣାର ଆବଶ୍ୟକତା ରହିଛି

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷା ବିଜ୍ଞାନର ଜାତୀୟ ସମ୍ମିଳନୀ**




କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗର ଦୁଇ ଦିନିଆ ଜାତୀୟ ସମ୍ମିଳନୀ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଭାରତୀୟ ଭାଷା ସମିତି ସହଯୋଗରେ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ଶୀର୍ଷକ ଭାରତୀୟ ଭାଷା ପରିବାର ଉପରେ ଉପନିବେଶବାଦୀ ଦୃଷ୍ଟିକୋଣରୁ ନୁହେଁ ବରଂ ଭାରତୀୟ ଦୃଷ୍ଟିକୋଣରୁ ଭାଷାଗୁଡ଼ିକର ଅଧ୍ୟୟନ ଏବଂ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଅନୁପ କୁମାର କୁଜୁର ସ୍ୱାଗତ ଭାଷଣ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠି ବିଭିନ୍ନ ଭାଷା ମାଧ୍ୟମରେ ଶିକ୍ଷାଦାନ ଉପରେ ମତ ରଖିଥିଲେ। ଶାସ୍ତ୍ରୀୟ ଓଡ଼ିଆ ଅଧ୍ୟୟନ ପାଇଁ ଉତ୍କର୍ଷ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ନାତକୋତ୍ତର ସ୍ତରରେ ଭାଷା ବିଜ୍ଞାନକୁ ପ୍ରତ୍ୟେକ ଭାଷା ବିଷୟର ଏକ ଅବିଚ୍ଛେଦ୍ୟ ଅଂଶ କରିବା ଉପରେ ଆଲୋକପାତ କରିଥିଲେ। କର୍ଣ୍ଣାଟକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କନ୍ନଡ ବିଭାଗ ମୁଖ୍ୟ ପ୍ରଫେସର ବାସବରାଜ କୁଡାଗୋଣ୍ଡି ଭାରତ ଏବଂ ଏସିଆର ଭାଷା ମଧ୍ୟରେ ଭାଷା ବିଜ୍ଞାନର ସମନ୍ୱୟ ଉପରେ ମତ ଦେଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପୂର୍ବତନ ପ୍ରଫେସର ନଟବର ସଥପଥୀ ବିଭିନ୍ନ ଭାଷା ପାଇଁ ଅଭିଧାନ ତିଆରି ବିଷୟରେ କହିଥିଲେ। ଏହି ଅବସରରେ ୨ଟି ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଭାଷା ବିଜ୍ଞାନର ବିଭାଗର ସଂଯୋଜକ ଡ. ବୋବିତା ସାରଙ୍ଗଥେମ ଧନ୍ୟବାଦ ଦେଇଥିଲେ। ତେଜପୁର ବିଶ୍ୱବିଦ୍ୟାଳୟର ଡ. ଅମଲେଶ ଗୋପ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ଅଙ୍କିତା ସଥପଥୀ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଡକ୍ଟର ଶିବ ରାମ ମାଲେ, କୁଳମଣି ଓଝା, ଡ. ସଦାନନ୍ଦ ନାୟକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା

ବ୍ରହ୍ମପୁର,୧୩।୧୨(ସ୍ମୃତି ରଞ୍ଜନ ମହାଲିକ)

ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ୩ ଗୁଣା କରିବା ଗରିବ ଓ ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା ବୋଲି ଲୋକ ଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ପ୍ରକାଶ କରିଛନ୍ତି। ସମଗ୍ର ଦେଶରେ ପୂର୍ବତନ ବିଧାୟକ ଓ ପୂର୍ବତନ ଏମପି ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ୨ଟି ପେନସନ ପାଉଛନ୍ତି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପଦରୁ ଗଲାପରେ ବି ୨ଟି ପେନସନର ହକଦାର। ଏପରି ଅହେତୁକ ପେନସନ ଅନୈତିକ। ଦେଶ ଓ ରାଜ୍ୟରେ ବେକାରଙ୍କୁ ନିଯୁକ୍ତି ଓ ଆୟର ସୁଯୋଗ ନ ଥିବାବେଳେ ଜନସେବା ନାମରେ ଭୋଟ ପାଇଁ ପାଇଁ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କୁ ଆଜୀବନ ପେନସନ ବ୍ୟବସ୍ଥା ନୀତିଗତ ଭାବେ ଉଚିତ ନୁହଁ। ଏବେବି ଦେଶର ସମସ୍ତ ଅଭାବୀ ଅସହାୟ ବୃଦ୍ଧା,ବୃଦ୍ଧ ଓ ବିକଳାଙ୍ଗଙ୍କୁ ସମ୍ମାନର ସହ ବଞ୍ଚିବାକୁ ନ୍ୟାୟସଙ୍ଗତ ପେନସନ ଦିଆଯାଇପାରି ନାହିଁ। ଶ୍ରମିକଙ୍କ ଦୈନିକ ମଜୁରୀ ୭୦୦ ଟଙ୍କା ଦେବାକୁ ସରକାର ପ୍ରସ୍ତୁତ ନୁହନ୍ତି। ଏବେବି ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଦୈନିକ ମଜୁରୀ ହିସାବରେ ଦରମା ଦେବାକୁ ସରକାର ନିଷ୍ପତ୍ତି କରି ପାରୁନାହାନ୍ତି। ବେକାରୀ ଯୁବତୀ ଯୁବକଙ୍କୁ ଭତ୍ତା ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଚିନ୍ତା ବି କରିନାହାନ୍ତି। ଏପରି ସ୍ଥଳେ ଲୋକଙ୍କ ପ୍ରତିନିଧି ୩ ଗୁଣା ଦରମା ଓ ୩ ଗୁଣା ପେନସନ ସହ ଏକାଥରକେ ୨ଟା ଲେଖାଏ ପେନସନ ପାଇବା ଜନତାଙ୍କପ୍ରତି ପ୍ରତାରଣା ବୋଲି ସାମନ୍ତରା ଅଭିଯୋଗ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫୁଲବାଣୀ, ୧୩।୧୨(ରାକେଶ କୁମାର ରାଉତ)

ଫିରିଙ୍ଗିଆ କଲ୍ୟାଣ ମଣ୍ଡପଠାରେ ଓଡିଶା ଶିକ୍ଷକ ସଂଘ ପକ୍ଷରୁ ଶ୍ରୀପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଚୌଧୁରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଆଉ ଜଣେ ଗିରଫ

ଚିକିଟି,୧୩।୧୨(ପ୍ରକାଶ ଚନ୍ଦ୍ର ସାହୁ)

ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ଗ୍ରାମ ଶିବ ମନ୍ଦିର ନିକଟରେ ଥିବା ବାହୁଦା ନଦୀ ପଠାରେ ଗତ ଅକ୍ଟୋବର ୧୨ ତାରିଖରେ ଚରିଆପଡ଼ା ସାହିର ନାରାୟଣ ପ୍ରଧାନଙ୍କୁ ହତ୍ୟା କରି ନଦୀ କୂଳରେ ଦୁର୍ବୃତ୍ତମାନେ ଫିଙ୍ଗି ଦେଇଥିଲେ। ଶନିବାର କେ ନୂଆଗାଁ ପୋଲିସ ଚରିଆପଡ଼ା ଗ୍ରାମର ଝୁମୁରି ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି । ଗତ କିଛିଦିନ ତଳେ ଉକ୍ତ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଆଉ ଜଣେ ଆତ୍ମସମର୍ପଣ କରିଥିଲେ। ଏବେ ଝୁମୁରୀଙ୍କୁ ଗିରଫ କରାଯିବା ପରେ ଏହି ମାମଲାରେ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି। ସୂଚନାଯୋଗ୍ୟ, ନାରାୟଣ ପ୍ରଧାନ ଝୁମୁରିଙ୍କ ଘରେ ପଶି କେହି ନ ଥିବା ସୁଯୋଗରେ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିଲେ। ପରେ ନାରାୟଣଙ୍କ ମୃତଦେହ ନଦୀପଠାରୁ ମିଳିଥିଲା। ନାରାୟଣଙ୍କ ପୁଅ ଶିବ ଏନେଇ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ନଂ. ୩୫୩/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଝୁମୁରୀ ନିଜ ଭାଇଙ୍କୁ ଡାକି ନାରାୟଣଙ୍କୁ ହତ୍ୟା କରିବାରେ ନିୟୋଜିତ କରିଥିବା ତଦନ୍ତ ବେଳେ ଜଣାପଡିଥିଲା। ଫଳରେ ତାଙ୍କୁ ଗିରଫ କରାଯାଇଛି।

## କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡା

ଛତ୍ରପୁର,୧୩।୧୨ (ଦିଲ୍ଲୀପ ସାମଲ)

ଛତ୍ରପୁର କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ପ୍ରିନସିପାଲ ସିଷ୍ଟର ଡ଼ରେଟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏଥିରେ ଗ୍ରୀନ ସ୍ପୋର୍ଟ୍ସ ଗ୍ରୀନ ଫିଉଚର ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରେସିଡେନସି କଲେଜର ଅଧ୍ୟକ୍ଷ ଡ. ଶ୍ରୀନିବାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଆନ୍ତର୍ଜାତିକ ପାରା କ୍ରୀଡ଼ାବିତ ଭି.ରମେଶ ରାଓ ଯୋଗଦେଇ କଠିନ ପରିଶ୍ରମ କଲେ ଦିନ ନା ଦିନେ ସଫଳତା ହାସଲ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଓ ମ୍ୟାନେଜର ସିଷ୍ଟର ଖ୍ରୀଷ୍ଟା ଯୋଗଦେଇ ପାଠ ସହିତ କ୍ରୀଡାର ଆବଶ୍ୟକ ରହିଛି ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛତ୍ରପୁର ପ୍ରେସକ୍ଲବ୍‌ର ସଭାପତି, ଓଜେୟୁର ଜିଲା ଉପସଭାପତି କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କ୍ରୀଡା ପ୍ରଦର୍ଶନ କରାଯାଇଥିଲା।

## ୱାଣ୍ଡ୍ରେଲା କିଡ୍‌ସ ଜୟର ବାର୍ଷିକ ଉତ୍ସବ ବନ୍ଧନ

ପାରଳାଖେମୁଣ୍ଡି,୧୩।୧୨(ଗିରିଧାରୀ ପରିଚ୍ଛା)




ଆର୍ବନ ବ୍ୟାଙ୍କ ପଡିଆଠାରେ ଶନିବାର ସନ୍ଧ୍ୟାରେ ୱାଣ୍ଡ୍ରେଲା କିଡ୍‌ସ ଜୟର ୧୧ତମ ବାର୍ଷିକ ଉତ୍ସବ 'ବନ୍ଧନ-୨୦୨୫' ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ପୌର ଅଧ୍ୟକ୍ଷା ନିର୍ମଳା ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ନିର୍ଦ୍ଦେଶକ ମନୋଜ କର ସ୍ୱାଗତ ସୂଚନା ଦେଇ ବିଦ୍ୟାଳୟର ବିଗତ ଦିନରେ ବିଭିନ୍ନ ସଫଳତାର ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ରଞ୍ଜିତା ପଟ୍ଟନାୟକ ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ଉପରେ ଆଲୋକପାତ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ପୌରାଧ୍ୟକ୍ଷା ସେଠୀ ଛୋଟ ଛୋଟ ପିଲାମାନଙ୍କୁ ମା'ପରି ସ୍ନେହ ଦେଇ ଶିକ୍ଷା ଦେଇପାରୁଥିବା ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ଗୁରୁ ପାତ୍ର ବିଦ୍ୟାଳୟ ୨୩ ଜଣ ଛାତ୍ରୀ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିଲା। ଏବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨ଶହରେ ପହଞ୍ଚିଲାଣି। ବିଦ୍ୟାଳୟ ତାର ଶିକ୍ଷାଦାନ ଶୈଳୀ ବଜାୟ ରଖିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଲୀନା କର, ରଞ୍ଜିତା ପଟନାୟକ, ମନୋଜ କର, ଶିକ୍ଷୟିତ୍ରୀ ସ୍ଥିତପ୍ରଜ୍ଞା ବେହେରା,ଡାଇନା ଛିଞ୍ଚାଣୀ, ମାମୁନି ସେନାପତି,ଖୁସୁ କୁମାରୀ,ରଶ୍ମିତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ନୃତ୍ୟ ଗୁରୁ ଆନନ୍ଦ ନାୟକଙ୍କ ନିର୍ଦ୍ଦେଶନାରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପରିଚାଳନା କରିଥିଲେ।

## ୨୫ରେ ତିଲିସିଙ୍ଗିରେ ପ୍ରଦେଶ ସଭା

### କୁର୍ମୀ କ୍ଷତ୍ରିୟ ସଂସ୍ଥାର ଅଭ୍ୟର୍ଥନା ସମିତି ବୈଠକରେ ନିଷ୍ପତ୍ତି



ଭଞ୍ଜନଗର,୧୩।୧୨(ବାବୁଲା ପ୍ରଧାନ)

